୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସଂପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

Vol.27 . No.15 Bhubaneswar Wednesday Feburary 19 2025 | ୨୭ତମ ବର୍ଷ ସଂଖ୍ୟା-୧୫ ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୯, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# କିଟ୍ ବିବାଦ: ୩ ନିର୍ଦ୍ଦେଶକ ଗିରଫ, ଆନ୍ତର୍ଜାତିକ ବ୍ୟାପାର ସହ ଜଡିତ ପଦାଧିକାରୀଙ୍କୁ ଛୁଇଁପାରୁନି ପୁଲିସ୍ ?

ଭୁବନେଶ୍ୱର,୧୮ ।୨(ପି.ଏନ): କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ଓ ନେପାଳୀ ଛାତ୍ରଛାତ୍ରୀଙ୍କୁ ମାରପିଟ୍ ଘଟଣାରେ ଚାପ ବଢ଼ିବା ପରେ ପୁଲିସ ୩ଜଣ ନିର୍ଦ୍ଦେଶକଙ୍କୁ ଗିରଫ କରିଛି । ମାତ୍ର ମୃତା ନେପାଳୀ ଛାତ୍ରୀଙ୍କ ଅଭିଯୋଗକୁ ଭୃକ୍ଷେପ କରିନଥିବା ବିଶ୍ୱବିଦ୍ୟାଳୟର ଆନ୍ତର୍ଜାତିକ ବ୍ୟାପାର ସହ ଜଡିତ ପଦାଧିକାରୀମାନଙ୍କୁ ଛୁଇଁବାକୁ ପୁଲିସ ସାହାସ କରିପାରିନି । ଯଦିଓ ମୃତା ନେପାଳୀ ଛାତ୍ରୀଜଣକ କିଟ୍ କ୍ୟାମ୍ପସ ପରିସରରେ ଥିବା ଇଂଟରନ୍ୟାସନାଲ ରିଲେସନ୍ ଅଫିସ(ଆଇଆରଓ)ରେ ୩ଥର ଲିଖିତ ଅଭିଯୋଗ କରିଥିବା ଜଣାପଡିଛି ।ସୂଚନା ଅନୁସାରେ, କିଟ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରଛାତ୍ରୀମାନଙ୍କୁ ମାରପିଟ୍ ଓ ଜବରଦସ୍ତି ହଷ୍ଟେଲରୁ ବିଦା କରିବା ଘଟଣାରେ ନେପାଳ ସରକାର ଉଦବେଗ ପ୍ରକାଶ କରିବା ପରେ ରାଜ୍ୟ ସରକାର ଆକ୍ସନମୋଡକୁ ଆସିଛନ୍ତି । ଭାରତ ଓ ନେପାଳ ସମ୍ପର୍କ ପ୍ରଭାବିତ ହେବାର ଆଶଙ୍କା କରି ଘଟଣାକୁ ଗୁରୁତ୍ୱର ସହ ନିଆଯାଇଛି । ନେପାଳ ଛାତ୍ରୀମାନଙ୍କୁ ମାରପିଟ୍ କରିବା ଘଟଣାରେ ଦୁଇଜଣ ସୁରକ୍ଷାକର୍ମୀଙ୍କୁ ପୁଲିସ୍ ଗିରଫ କରିଥିଲା । ମଙ୍ଗଳବାର କିଟ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ୩ଜଣ ନିର୍ଦ୍ଦେଶକଙ୍କୁ ଗିରଫ କରାଯାଇଛି । ପୁଲିସ ସୂତ୍ର ଅନୁସାରେ ଗିରଫ ହୋଇଥିବା ୩ଜଣ ନିର୍ଦ୍ଦେଶକ ହେଲେ- ବିଶ୍ୱବିଦ୍ୟାଳୟର ମାନବସମ୍ବଳ ଡାଇରେକ୍ଟର ଜେନେରାଲ ଶିବାନନ୍ଦ ମିଶ୍ର, ନିର୍ଦ୍ଦେଶକ(ପ୍ରଶାସନ) ପ୍ରତାପ କୁମାର ଚମ୍ପତି ଓ ନିର୍ଦ୍ଦେଶକ(ହଷ୍ଟେଲ) ସୁଧୀର କୁମାର ମିଶ୍ର । ଏହି ୩ ଜଣଙ୍କୁ ଇନଫୋସିଟି ପୁଲିସ୍ ଗିରଫ କରିଥିବା ଜଣାପଡିଛି । ତେବେ ନେପାଳୀ ଛାତ୍ରଛାତ୍ରୀଙ୍କୁ ମାରପିଟ୍ ଓ ସେମାନଙ୍କୁ ବଳପୂର୍ବକ ବିଦା କରିବା ଘଟଣାରେ ଏହି ୩ଜଣ ନିର୍ଦ୍ଦେଶକଙ୍କ କ'ଣ ଭୂମିକା ରହିଛି ତାହା ଜଣାପଡିନି ।ଅନ୍ୟପକ୍ଷରେ ବିଦେଶ ଛାତ୍ରଛାତ୍ରୀଙ୍କ ସୁବିଧା-ଅସୁବିଧା ବୁଝିବା ପାଇଁ ଉଦ୍ଦିଷ୍ଟ ଇଂଟରନ୍ୟାସନାଲ ରିଲେସନ୍ ଅଫିସ(ଆଇଆରଓ) ଦାୟିତ୍ୱରେ ଥିବା ପଦାଧିକାରୀଙ୍କୁ ପୁଲିସ ଛୁଇଁପାରିନି । ଯଦିଓ ମୃତା ଛାତ୍ରୀଜଣକ ୩ରୁ ୪ଥର ଏହି ଅଫିସକୁ ଯାଇ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଭୁବନେଶ୍ୱରରେ ଆଇଆରଓ ଡିନ୍ ଭାବେ ଅନୀତା ପତି କାର୍ଯ୍ୟ କରୁଛନ୍ତି । ସେହିପରି ନିର୍ଦ୍ଦେଶକ ଜେନେରାଲ ଭାବେ ଦେବରାଜ ପ୍ରଧାନ ଓ ବରିଷ୍ଠ ନିର୍ଦ୍ଦେଶକ ଭାବେ ଏସ୍ ?.ରାଘବନ କାର୍ଯ୍ୟରତ ଅଛନ୍ତି । ଏହି ଆଇଆରଓର ପଦାଧିକାରୀମାନଙ୍କୁ କାହିଁକି ପୁଲିସ ଏପର୍ଯ୍ୟନ୍ତ ଜେରା କରିନି ତାହା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି ।



## ନେତାଜୀ ବସ୍ ଟର୍ମିନାଲରେ ଅଚଳାବସ୍ଥା ଜାରି: ଯାତ୍ରୀ ହନ୍ତସନ୍ତ

କଟକ,୧୮ ।୨(ପି.ଏନ): ନେତାଜୀ ବସ୍ ଟର୍ମିନାଲରେ ଅଚଳାବସ୍ଥା ଜାରି ରହିଛି । ଫଳରେ ଯାତ୍ରୀମାନେ ନାନା ହଇରାଣ ହରକତ ହେଉଛନ୍ତି । ମେଣ୍ଟେନାନ୍ସ ସେବାରେ ଥିବା କର୍ମଚାରୀମାନେ ଆଜିଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଫଳରେ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି ।ସୂଚନା ଥାଉକି, ପ୍ରାୟ ଦେଢ ଶହ କର୍ମଚାରୀ ବସ୍ ଟର୍ମିନାଲରେ ପ୍ରବ?ଶ, ପ୍ରସ୍ଥାନ ପଥରେ ଯାଞ୍ଚ,ଟିକେଟ ବୁକିଂ,ପ୍ରବେଶ ପ୍ରସ୍ଥାନରେ ଗାଡି ନିୟନ୍ତ୍ରଣ, ଶୌଚାଳୟ ସଫାସୁତୁରା ଓ ଆହାର କେନ୍ଦ୍ରର ରକ୍ଷଣାବେକ୍ଷଣ କାମରେ ନିୟୋଜିତ ଅଛନ୍ତି । ମାତ୍ର ସମ୍ପୃକ୍ତ ସଂସ୍ଥା କର୍ମଚାରୀମାନଙ୍କୁ ନିୟମିତ ଭାବେ ଦରମା, ପ୍ରୋଭିଡେଣ୍ଟ ଫଣ୍ଡ,ଇଏସ୍ ଆଇ ଓ ଗ୍ରାଚ୍ୟୁଟି ଆଦି ଦେଉ ନଥିବା ଅଭିଯୋଗ କରି କର୍ମଚାରୀମାନେ ଆଜି କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି ।

## ରୁଷ-ୟୁକ୍ରେନ ଯୁଦ୍ଧରେ ପଡିବ କି ପୂର୍ଣ୍ଣଚ୍ଛେଦ ?

ଭୁବନେଶ୍ୱର,୧୮ ।୨(ପି.ଏନ): ଦୀର୍ଘ ୩ ବର୍ଷ ଧରି ରୁଷ ଓ ୟୁକ୍ରେନ ମଧ୍ୟରେ ଜାରି ରହିଛ ଯୁଦ୍ଧ । ଦୁଇ ଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁ ବିଶ୍ୱ ୩ ବର୍ଷ ହେଲା ପ୍ରଭାବିତ ହେବାରେ ଲାଗିଛି । ଯୁଦ୍ଧ ଯୋଗୁ ଦୁଇ ଦେଶର ହଜାର ହଜାର ଲୋକ ପ୍ରାଣ ହରାଇ ସାରିଲେଣି । ରୁଷ ଅପେକ୍ଷେ ୟୁକ୍ରେନ ଅଧିକ କ୍ଷତି ସହିଛି । ଦେଶର ଭିତ୍ତିଭୂମି ଠାରୁ ଆରମ୍ଭ କରି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଗୁଡିକ ରୁଷର ମିସାଇଲ ମାଡରେ ଛନଛତ୍ର ହୋଇଯାଇଛି ।ରୁଷ ମଧ୍ୟ କମ କ୍ଷତି ସହିନି । ଦୁଇ ଦେଶ ମଧ୍ୟରେ ୩ ବର୍ଷ ହେଲା ଯୁଦ୍ଧ ଚାଲିଥିବା ବେଳେ ୟୁକ୍ରେନ ସମର୍ଥନରେ ୟୁରୋପୀୟ ରାଷ୍ଟ୍ରଗୁଡିକ ମଧ୍ୟ ରୁଷକୁ ଏକଘରକିଆ କରିଛନ୍ତି । ପୂର୍ବରୁ ଆମେରିକା ଯୁଦ୍ଧକୁ ପ୍ରୋତ୍ସାହିତ କରି ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଯୋଗାଇ ଚାଲିଥିଲା । କିନ୍ତୁ ଆମେରିକାରେ ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ରୁଷ ଓ ୟୁକ୍ରେନ ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପଡିବାର ସମ୍ଭାବନା ସୃଷ୍ଟି ହୋଇଛି ।କାରଣ ସାଉଦି ଆରମ୍ଭରେ ଯୁଦ୍ଧରେ ବିରାମ ଲଗାଇବା ପାଇଁ ଆମେରିକା ପ୍ରୟାସରେ ଆଲୋଚନା ଆରମ୍ଭ ହୋଇଛି । ଏଥିରେ ଆମେରିକା ଓ ରୁଷ କୁଟନୀତିଜ୍ଞମାନେ ଯୋଗ ଦେଇଛନ୍ତି । ବୈଠକରେ ୟୁକ୍ରେନ ସହ ରୁଷ କରୁଥିବା ଯୁଦ୍ଧକୁ ଶେଷ କରିବା ପାଇଁ ଆଲୋଚନା ହେବ । ଯୁଦ୍ଧର ଅନ୍ତ ପାଇଁ ଗୋଟିଏ ଚୁକ୍ତି ନାମା ମଧ୍ୟ କରାଯିବାର ସମ୍ଭାବନା ରହିଛି । କିନ୍ତୁ ଉକ୍ତ ବୈଠକରେ ୟୁକ୍ରେନର ପ୍ରତିନିଧି ଯୋଗ ନ ଦେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ସେହିପରି ଆମେରିକା ଓ ରୁଷ ମଧ୍ୟରେ ଯୁଦ୍ଧ ଶେଷ କରିବାକୁ ହେବା ପାଇଁ ଥିବା ଚୁକ୍ତିକୁ ୟୁକ୍ରେନ ଗ୍ରହଣ କରିବ କି ନାହିଁ, ତା' ମଧ୍ୟ ବଡ ପ୍ରଶ୍ନ ।



## ମହାକୁମ୍ଭ ନଦୀରୁ ମିଳିଲା ମଣିଷ ଓ ପଶୁ ମଳରେ ଥିବା ଜୀବାଣୁ

ଭୁବନେଶ୍ୱର,୧୮ ।୨(ପି.ଏନ): ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଚାଲିଛି ମହାକୁମ୍ଭ । ସେଠାରେ ଥିବା ନଦୀର ଏକାଧିକ ସ୍ଥାନରେ କୋଟି କୋଟି ଲୋକ ପୁଣ୍ୟ ଅର୍ଜନ କରିବା ଆଶାରେ ବୁଡ ପକାଉଛନ୍ତି । ହେଲେ ଲୋକମାନେ ବୁଡ ପକାଉଥିବା ନଦୀର ପାଣିରୁ ମିଳିଛି ମଣିଷ ଓ ପଶୁ ମଳର ଥିବା ଜୀବାଣୁ । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ଜରିଆରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲଙ୍କୁ ଏପରି ତଥ୍ୟ ଦିଆଯାଇଛି । ଏଥିରେ କୁହାଯାଇଛି ଯେ ମହାକୁମ୍ଭ ଚାଲିଥିବା ଠାବ ହୋଇଛି । ଫେକଲ କୋଲିଫର୍ମ ସ୍ୱରେଜ ପାଣିରୁ ମିଳିଥାଏ । ସେହିପରି ମଣିଷ ଓ ପଶୁଙ୍କ ମଳରେ ଏପରି ଜୀବାଣୁ ମିଳିଥାଏ । ପ୍ରାୟଗରାଜରେ ଥିବା ଗଙ୍ଗା ଓ ଯମୁନାକୁ ସ୍ୱରେଜ ପାଣି ନ ଛାଡିବାକୁ ହୋଇଥିବା ଆବେଦନର ଶୁଣାଣି ଏନଜିଟି ଅଧ୍ୟକ୍ଷ ଜଷ୍ଟିସ ପ୍ରକାଶ ଶ୍ରୀବାସ୍ତବଳ, ନ୍ୟାୟିକ ସଦସ୍ୟ ଜଷ୍ଟିସ ସୁଧୀର ଅଗ୍ରୱାଲ ଓ ଏକ୍ସପର୍ଟ କମିଟି ସଦସ୍ୟ ଏକ ସେନ୍ଥିଲ ଭେଲଙ୍କ ଖଣ୍ଡପୀଠ କରିଛନ୍ତି । ଏହି ସମୟରେ ଏପରି ତଥ୍ୟ ସାମ୍ନାକୁ ଆସିଛି । ୧୭ ଫେବୃଆରୀରେ ଏନଜିଟି ରାୟରେ ସିପିସିବି ରିପୋର୍ଟକୁ ଆଧାର କରାଯାଇଛି ।



ପ୍ରୟାଗରାଜର ବିଭିନ୍ନ ସ୍ଥାନର ନଦୀ ଜଳ ଗାଧୋଇବା ଯୋଗ୍ୟ ନୁହେଁ । କାରଣ ଏଥିରେ ଫେକଲ କୋଲିଫର୍ମ

## କେବେ ସୁଧୁରିବ ବ୍ରହ୍ମପୁର ଏମକେସିଜି ମେଡିକାଲ ସମସ୍ୟା

ବ୍ରହ୍ମପୁର,୧୮ ।୨(ପି.ଏନ): ଦିନକୁ ଦିନ ବଢିବାରେ ଲାଗିଛି ବ୍ରହ୍ମପୁର ଗକଉଏ ମେଡକାଲ ସମସ୍ୟା । ଦକ୍ଷିଣ ଓଡ଼ିଶାର ଏହି ପ୍ରମୁଖ ହସ୍ପିଟାଲ ଅନେକ ସମୟରେ ବିଭିନ୍ନ କାରଣ ପାଇଁ ଚର୍ଚ୍ଚାରେ ରହି ଆସିଛି । ଏବେ ଖରାଦିନ ଆସିଥିବା ବେଳେ ୱାର୍ଡରେ ଫ୍ୟାନ ଓ ଲାଇଟ ଖରାପ ଯୋଗୁଁ ହନ୍ତସନ୍ତ ହେଉଛନ୍ତି ରୋଗୀ ଓ ତାଙ୍କ ସମ୍ପର୍କୀୟ । ସେପଟେ କର୍ତ୍ତୃପକ୍ଷ କହିଛନ୍ତ, ଖୁବଶୀଘ୍ର ଟେଣ୍ଡର କରି କରାଯିବ ସମାଧାନ ।ସମସ୍ୟା ଘେରରେ ବ୍ରହ୍ମପୁର ଏମକେସିଜି ମେଡିକାଲ । ଦକ୍ଷିଣ ଓଡ଼ିଶାର ଏହି ବଡ଼ ହସ୍ପିଟାଲରେ ହନ୍ତସନ୍ତ ରୋଗୀ । ମଶା ସାଙ୍ଗକୁ ଗରମରେ ଆଉଟୁ ପାଉଟୁ ଲୋକେ । ଅନେକ ୱାର୍ଡରେ ଲାଇଟ୍ ଜଳୁ ନଥିବା ବେଳେ ବୁଲୁନି ଫ୍ୟାନ୍ । ବାରମ୍ବାର ଅଭିଯୋଗ ପରେ ବି ବେଫିକର ହସ୍ପିଟାଲ ମ୍ୟାନେଜର୍ । ହସ୍ପିଟାଲରେ ପାନୀୟଜଳ, ବିଦ୍ୟୁତ୍ ବ୍ୟବସ୍ଥା ସହ ଉପକରଣ ପରିମଳ ଓ ସ୍ୱଚ୍ଛତା ପାଇଁ ପ୍ରତିବର୍ଷ ଖର୍ଚ୍ଚ ହେଉଛି ଲକ୍ଷାଧିକ ଟଙ୍କା ।ଡାକ୍ତରଖାନାରେ ରହିଛି ୨୦ରୁ ଅଧିକ ବିଭାଗ । ପ୍ରତିଦିନ ୨ ହଜାରରୁ ଅଧିକ ରୋଗୀ ଏଠାକୁ ଆସନ୍ତି । ହେଲେ ଅନେକ ସମୟରେ ସମସ୍ୟା ପାଇଁ ଚର୍ଚ୍ଚାରେ ରହି ଆସିଛି ହସ୍ପିଟାଲ । ସ୍ତ୍ରୀ ଓ ପ୍ରସୂତି ବିଭାଗ ତୃତୀୟ ମହଲାର ଅନେକ ପଙ୍ଖା ଅଚଳ ହୋଇଥିବାରୁ ପ୍ରସୂତି ଓ ଶିଶୁ କଲବଲ ହେଉଛନ୍ତି । ନିରାଶ୍ରୟ, ଅସ୍ଥିଶଲ୍ୟ, ସବୁ ବିଭାଗରେ ସମାନ ଅବସ୍ଥା ।ମେଡିକାଲକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଡେଙ୍ଗୁ, ମ୍ୟାଲେରିଆ ନେଇ ଫେରୁଛନ୍ତି । ସମସ୍ୟା ଦୀର୍ଘ ଦିନ ହେଲା ଲାଗି ରହିଥିଲେ ସୁଦ୍ଧା ହସ୍ପିଟାଲ ମ୍ୟାନେଜର୍ ପଦକ୍ଷେପ ନେଉ ନଥିବା ଅଭିଯୋଗ ହୋଇଛି । ତେବେ ସମସ୍ୟା ସାଧାରଣ ବିଦ୍ୟୁତ ବିଭାଗ ସମସ୍ତ ବିଦ୍ୟୁତ ସମ୍ବନ୍ଧୀୟ କାର୍ଯ୍ୟ ତଦାରଖ କରୁଛି । ଲାଗୁ ନଥିବା ଫ୍ୟାନ ସହ ଲାଇଟକୁ ଏକା ସାଙ୍ଗରେ ହିସାବ କରି ବିଭାଗକୁ ଦିଆଯିବା ପରବର୍ତ୍ତୀ ପର୍ଯ୍ୟାୟରେ ଟେଣ୍ଡର୍ ପ୍ରକ୍ରିୟା ମାଧ୍ୟମରେ କାମ ସଂପୂର୍ଣ୍ଣ ହେବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ତେବେ ଏନେଇ କ୍ୟାମେରା ଆଗରେ କିଛି ପ୍ରତିକ୍ରିୟା ରଖି ନାହାନ୍ତି ।

## ୫ ବର୍ଷରେ ପଞ୍ଚାୟତିରାଜ ବିଭାଗରେ ବଡ଼ଧରଣର ଦୁର୍ନୀତି: ମନ୍ତ୍ରୀ ଧରାଇଲେ ଲିଷ୍ଟ

ଭୁବନେଶ୍ୱର,୧୮ ।୨(ପିଏନ)୨୦୨୫-୨୬ ଆର୍ଥିକ ବର୍ଷର ବିଧାନସଭାରେ ଚାଲିଛି ବଜେଟ ଅଧିବେଶନ । ଏହିସମୟରେ, ମଙ୍ଗଳବାର ଗୃହରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଏକ ବଡ଼ ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ୫ ବର୍ଷରେ ପଞ୍ଚାୟତିରାଜ ବିଭାଗରେ ବଡ଼ଧରଣର ଦୁର୍ନୀତି ହୋଇଛି । ଦାରିଦ୍ର୍ୟ ଦୂରୀକରଣ ନାଁରେ ୨୮ କୋଟି ୨୫ ଲକ୍ଷ ୪୩ ହଜାର ହରିଲୁଟ ହୋଇଥିବା ଗୃହରେ ମନ୍ତ୍ରୀ ଲିଖିତ ଉତ୍ତର ରଖିଛନ୍ତି । ୨୦୨୧-୨୨ରେ ଆର୍ଥିକ ବର୍ଷରେ ୨୮୧୪ ମାମଲାରେ ୪ କୋଟି ୨୮ ଲକ୍ଷ ୧୬ ହଜାର ଦୁର୍ନୀତି ହୋଇଥିବା ବେଳେ ୨୦୨୨-୨୩ରେ ୩୮ଟି ମାମଲାରେ ୯କୋଟି ୧୭ ଲକ୍ଷ ଟଙ୍କା ଦୁର୍ନୀତି ହୋଇଛି । ୨୦୨୩-୨୪ରେ ୨୦୩୮ ମାମଲା ୧କୋଟି ୮୬ ଲକ୍ଷ ୬୦ ହଜାର ହଡ଼ପ କରାଯାଇଥିବା ମନ୍ତ୍ରୀ ନାୟକ କହିଛନ୍ତି ।



## ଚୂଲିକୁ ଗଲାଣି ପୂର୍ବୋଦୟ ବିକାଶ: ବେକାରୀ ସମସ୍ୟା ଉତ୍କଟ, ଦରଦାମ ଦରମଲା କଲାଣି

ଭୁବନେଶ୍ୱର,୧୮ ।୨(ପି.ଏନ): ବିରୋଧୀ କହୁଥିଲେ । ଏବେ ଲୋକେ କହିଲେଣି । ଦେଶରେ ବେରୋଜଗାରୀ ଚରମ ସୀମାରେ । ଚଳିତ ମାସର ଇଣ୍ଡିଆ ଟୁଡେ ଓ ସି-ଭୋଟର ମିଳିତ ସର୍ଭ ? ମୁଡ୍ ଅଫ୍ ଦ ନେସନ୍ ରିପୋର୍ଟ କହୁଛି, ଦେଶର ପୂର୍ବ ଭାରତ ଓ ଉତ୍ତର ପୂର୍ବ ଭାରତରେ ବେକାରୀ ସଂଖ୍ୟା ବେଶୀ । ସର୍ଭେରେ ଭାଗ ନେଇଥିବା ୬୪ ପ୍ରତିଶତ ଲୋକଙ୍କ ମତ ଦରଦାମ ବୃଦ୍ଧି ଯୋଗୁଁ ସେମାନେ ଦୈନିକ ଖର୍ଚ୍ଚ ତୁଲାଇ ପାରୁନାହାନ୍ତି । ଆଗକୁ ଅବସ୍ଥା ଆହୁରି ଖରାପ ହେବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି ଅଧିକାଂଶ ଲୋକ ।ରୋଜଗାର ସଙ୍କୁଚିତ । ଦରଦାମ ବୃଦ୍ଧି ଯୋଗୁଁ ଲୋକେ ନିଜର ଦୈନିକ ଖର୍ଚ୍ଚ ମେଣ୍ଟାଇ ପାରୁନାହାନ୍ତି । ରିପୋର୍ଟ କହୁଛି, ୫୧ ପ୍ରତିଶତ ଲୋକଙ୍କ ମତ ୨୦୧୪ରୁ କେନ୍ଦ୍ର ସରକାର କର୍ପୋରେଟକୁ ସୁହାଇଲା ଭଳି ନୀତି କରିଆସୁଛନ୍ତି । ଫଳରେ ଧନୀ ଗରିବ ତାରତମ୍ୟ ଅହେତୁକ ଭାବେ ବଢି ଚାଲିଛି । ୬୦ ପ୍ରତିଶତ ଲୋକଙ୍କ ମତରେ ପୂର୍ବ ଭାରତରେ ବେକାରୀ ବେଶୀ । ଉତ୍ତରପୂର୍ବ ରାଜ୍ୟରେ ବେକାରୀ ସ୍ଥିତି ଆହୁରି ସଙ୍ଗୀନ ବୋଲି ମତ ଦେଇଛନ୍ତି ୬୪ ପ୍ରତିଶତ । ଦକ୍ଷିଣରେ ବେକାରୀ ହାର କମ୍ ରହିଛି । ଅର୍ଥାତ୍ ରିପୋର୍ଟରୁ ଜଣାପଡ଼ିଛି, ବିଜେପି ଶାସିତ ରାଜ୍ୟଗୁଡ଼ିକରେ ବେକାରୀ ହାର ଅଣ-ବିଜେପି ଶାସିତ ରାଜ୍ୟ ଅପେକ୍ଷା ଅଧିକ ରହିଛି । ବିରୋଧୀ ଯେତେବେଳେ ଏହି ପ୍ରସଙ୍ଗ ଉଠାଉ ଥିଲେ ରାଜନୈତିକ ବୟାନବାଜି କହି କେନ୍ଦ୍ର ସରକାର ଟାଳି ଦେଉଥିଲେ । ଏବେ ଦେଶର ଲୋକେ ସର୍ଭ ? ଜରିଆରେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି ।ବିଶେଷଜ୍ଞଙ୍କ ମତ ବିଗତ ୧୦ ବର୍ଷ ଭିତରେ ଲୋକଙ୍କ କ୍ରୟ ଶକ୍ତି ଦ୍ରୁତ ବେଗରେ ହ୍ରାସ ପାଇଛି । ଦରଦାମ ବୃଦ୍ଧି ପ୍ରଭାବରେ ଲଗାତାର ଉପଭୋକ୍ତା ସୂଚକାଙ୍କ ୧୪ ପ୍ରତିଶତରୁ ଖସି ୩ ପ୍ରତିଶତରେ ପହଞ୍ଚିଲାଣି । ମୁଡ୍ ଅଫ୍ ଦ ନେସନ ୭୦ ପ୍ରତିଶତ ଲୋକଙ୍କ କହିବା କଥା ଦେଶରେ ସ୍ୱଳ୍ପ ଆୟରେ ନିମ୍ନ ଆୟବର୍ଗ ଯତ୍ କିଞ୍ଚିତ ବି ଚଳିପାରୁନାହାନ୍ତି । ଦେଶରେ ଅଣସଂଗଠିତ କ୍ଷେତ୍ର କର୍ମଚାରୀଙ୍କ ସଂଖ୍ୟା ଅଧିକ । ୮୨ ପ୍ରତିଶତ ଲୋକଙ୍କ ମତରେ ଏଥିପାଇଁ ଦେଶରେ ସର୍ବନିମ୍ନ ମଜୁରୀ ବଜାର ଦରକୁ ଦେଖି ସ୍ଥିର କରାଯିବା ଦରକାର ।ସର୍ଭେରେ ଭାଗ ନେଇଥିବା ୬୫ ପ୍ରତିଶତ ଲୋକଙ୍କ କହିବା କଥା, ଆସନ୍ତା ୬ ମାସରେ ସେମାନଙ୍କ ଆୟ ବଢିବନି । ୫୭ ପ୍ରତିଶତଙ୍କ ମତ ଚଳିତବର୍ଷ ବି ଦରଦାମ ବୃଦ୍ଧି ଜାରି ରହିଲେ ସ୍ଥିତି ଆହୁରି ଅସମ୍ଭାଳ ହେବ ।

## ବୁଧବାର ମହାପ୍ରଭୁଙ୍କର ବନକ ଲାଗି ନୀତି, ଏହି ସମୟରେ ବନ୍ଦ ରହିବ ସାଧାରଣ ଦର୍ଶନ

ଭୁବନେଶ୍ୱର,୧୮ ।୨(ପି.ଏନ): ରାତି ପାହିଲେ ଫାଲଗୁନ ଷଷ୍ଠୀ । ଏହି ତିଥିରେ ମହାପ୍ରଭୁଙ୍କର ବନକ ଲାଗି ନୀତି ଅନୁଷ୍ଠିତ ହେବ । ତେଣୁ ୫ ଘଣ୍ଟା ମହାପ୍ରଭୁଙ୍କର ଦର୍ଶନ ବନ୍ଦ ରହିବ ।ଏହି ସମୟରେ ଦର୍ଶନ ବନ୍ଦ- ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ମହାପ୍ରଭୁଙ୍କର ବନକ ଲାଗି ଅନୁଷ୍ଠିତ ହେବ । ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ବନ୍ଦ ରହିବ ।ରାତି ୧୦ଟା ପରେ ଖୋଲିବ ମନ୍ଦିର- ଏହା ଶ୍ରୀଜୀଉଙ୍କ ଗୁପ୍ତ ନୀତି । ତେଣୁ ବନକ ଲାଗି ନୀତି ସମୟରେ ୫ ଘଣ୍ଟା ସାଧାରଣ ଦର୍ଶନ ବନ୍ଦ କରାଯାଇଛି । ବନକଲାଗି ନୀତି ସଂପନ୍ନ ହେବା ପରେ ଶ୍ରଦ୍ଧାଳୁ ଦର୍ଶନ କରିପାରିବେ । ଏନେଇ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।



## ବେଆଇନ ୟୁଜର ଫି' ଆଦାୟକୁ ବିରୋଧ, ଗର୍ଜିଲେ ଅଟୋ ଚାଳକ

ପୁରୀ,୧୮ ।୨(ପି.ଏନ): ଗର୍ଜିଲେ ଅଟୋ ଚାଳକ । ବେଆଇନ ଭାବେ ୟୁଜର ଫି ଆଦାୟକୁ ବିରୋଧ କରି ପୁରୀ ସହର ଅଟୋ ଓ ଟୋଟୋ ମିଳିତ ମହାମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ତୁରନ୍ତ ଏହା ପ୍ରତ୍ୟାହାର ନ ହେଲେ ଅଟୋ ଚାଳକ ରାଜରାସ୍ତାକୁ ଓହ୍ଲାଇ ଅଖ, ଚକ ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି ।ଶରଧା ବାଲିରୁ ପ୍ରାୟ ୫୦୦ରୁ ଅଧିକ ଅଟୋ ଚାଳକ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଅଟୋ ଚାଳକ ପରିବହନ ବିଭାଗକୁ ୫ ପ୍ରକାର କର ଦେଉଥିବାବେଳେ ପୁରୀ ସହରରେ ଅଟୋ ଚାଳକଙ୍କଠାରୁ ପୌରପାଳିକା ବେଆଇନ ଭାବେ ୟୁଜର ଫି ବାବଦରେ ୧୦୦୦ ଟଙ୍କା ଆଦାୟ କରୁଛି । ଏଥିପାଇଁ ଆଇନରେ କୌଣସି ବ୍ୟବସ୍ଥା ନାହିଁ । ପୂର୍ବରୁ ଜିଲ୍ଲା ଓ ପୋଲିସ ପ୍ରଶାସନ ପୁରୀ ସହରରେ ଅଟୋ ଚାଳକମାନଙ୍କୁ ଅଟୋର କାଗଜପତ୍ର ପଞ୍ଜିକରଣ ନିମନ୍ତେ ନିଷ୍ପତ୍ତି ନେଇଥିଲେ । ଏହି ନିଷ୍ପତ୍ତି ଅନୁଯାୟୀ ଅଟୋ ଚାଳକମାନେ ପରିବହନ କାର୍ଯ୍ୟାଳୟରେ ପଞ୍ଜୀକରଣ କରୁଥିଲେ । କିନ୍ତୁ କୌଣସି ଅଟୋ ସଂଘ ସହ ଆଲୋଚନା ନକରି ପୁରୀ ପୌରପାଳିକା ଅଟୋ ଚାଳକଙ୍କଠାରୁ ବେଆଇନ ଭାବେ ୧୦୦୦ ଟଙ୍କା ୟୁଜର ଫିସ ଆଦାୟ କରୁଛନ୍ତି । ଏହା ତୁରନ୍ତ ପ୍ରତ୍ୟାହାର ପାଇଁ ସଂଘ ଦାବି କରିଛି ।



## ସିବିଆଇ ରେଡ୍ ପରେ ଓଇଙ ପଦରୁ ବିଷ୍ଣୁପଦଙ୍କ ଇସ୍ତଫା ! ମୁଖ୍ୟ ଶାସନ ସଚିବଙ୍କୁ ଲେଖିଲେ ଚିଠି

ଭୁବନେଶ୍ୱର,୧୮ ।୨(ପି.ଏନ): ଆଇଏଏସ ବିଷ୍ଣୁପଦ ସେଠୀଙ୍କ ଘରେ ପୁଣି ସିବିଆଇ ରେଡ୍ । ବୁଧବାର ସକାଳୁ ୮ ଜଣିଆ ସିବିଆଇ ଟିମ୍ ପହଞ୍ଚି ତଲାସୀ କରିଛି । ବିଷ୍ଣୁପଦଙ୍କ ସରକାରୀ କ୍ୱାର୍ଟର୍ସରେ ସିବିଆଇ ରୁଫ୍ ଆଣ୍ଡ ବ୍ରିଜ୍ ଲାଞ୍ଚ ମାମଲାରେ ରେଡ୍ କରିଥିବା ଜଣାପଡିଛି ।ଅନ୍ୟପଟେ ଆଇଏଏସ ପଦରୁ ବିଷ୍ଣୁପଦ ସେଠୀ ଇସ୍ତଫା ଦେବେ । ଏନେଇ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ସୂଚନା ଦେଇଛନ୍ତି । ଇସ୍ତଫା ନେଇ ଜିଏ ତରଫରୁ ସ୍ପଷ୍ଟ କରାଯାଇନି । ବିଷ୍ଣୁପଦ ସେଠୀଙ୍କ ବିରୋଧରେ ତଦନ୍ତ ଚାଲିଛି ।ତେବେ ସିବିଆଇର ୮ ଜଣିଆ ଟିମ କରୁଛନ୍ତି ପଚରାଉଚରା । ବ୍ରିଜ ଆଣ୍ଡ ରୁଫ କମ୍ପାନିକୁ ଅନୁକମ୍ପା ଦେଖାଇଥିଲେ ବିଷ୍ଣୁପଦ । ହେଲେ ଏନେଇ ମୁହଁ ଖୋଲିଛନ୍ତି ବିଷ୍ଣୁପଦ । କହିଛନ୍ତି ମୋ ନାଁରେ କୌଣସି ଏଫଆଇଆର ନାହିଁ । ମୁଁ ୩୦ ବର୍ଷ ଧରି ସ୍ୱଚ୍ଛତାର ସହ କାମ କରିଛି । ଚଞ୍ଚଳ ମୁଖାର୍ଜୀଙ୍କ ସହ କୌଣସି ସମ୍ପର୍କ ନାହିଁ । ମୋ ଜୀବନ ପ୍ରତି ବିପଦ ଜୀବନ ପ୍ରତି ବିପଦ ଥିବା କହିଛନ୍ତି ବିଷ୍ଣୁପଦ ସେଠୀ ।






# ଉର୍ବଶୀ-ନନ୍ଦମୁରୀଙ୍କ ନୃତ୍ୟକୁ ନାପସନ୍ଦ

ତେଲୁଗୁ ସୁପରଷ୍ଟାର ନନ୍ଦମୁରୀ ବାଲକ୍ରିଷ୍ଣା ବିଭିନ୍ନ କାରଣ ପାଇଁ ସର୍ବଦା ଚର୍ଚ୍ଚାରେ ରହିଥାନ୍ତି। ବେଳେବେଳେ ତାଙ୍କ ଚଳଚ୍ଚିତ୍ର ଏବଂ ବେଳେବେଳେ ଅନ୍ୟ କାରଣ ପାଇଁ ସେ ଲାଇମ୍ ଲାଇଟକୁ ଆସନ୍ତି। ଗତବର୍ଷ ସୋସିଆଲ ମିଡିଆରେ ଅଭିନେତାଙ୍କ ଏକ ଭିଡିଓ ଭାଇରାଲ ହୋଇଥିଲା, ଯେଉଁଥିରେ ସେ ଜଣେ ଅଭିନେତ୍ରୀଙ୍କୁ ଠେଲି ଦେଉଥିବା ଦେଖାଯାଇଥିଲା। ଏହି ଭିଡିଓ ସାମ୍ନାକୁ ଆସିବା ପରେ ତାଙ୍କୁ ସୋସିଆଲ ମିଡିଆରେ ବହୁତ ଟ୍ରୋଲ କରାଯାଇଥିଲା। ଏବେ ତାଙ୍କ ଆଗାମୀ ଫିଲ୍ମର ଏକ ଗୀତକୁ ନେଇ ଟ୍ରୋଲ ହେଉଛନ୍ତି ନନ୍ଦମୁରୀ। ସୁପରଷ୍ଟାର ନନ୍ଦମୁରୀ ବାଲକ୍ରିଷ୍ଣା ଓ ଅଭିନେତ୍ରୀ ଉର୍ବଶୀ ରାଉଟେଲା ଫିଲ୍ମ ଡାକୁ ମହାରାଜରେ ଏକାଠି ନଜର ଆସିବେ। ଏହି ଫିଲ୍ମର ଏକ ଗୀତ ଦାବିଡି ଦିବିଡ଼ି ରିଲିଜ୍ ହୋଇଥି ?ବା ବେଳେ ଏହାର କୋରିଓଗ୍ରାଫି କାହାକୁ ପସନ୍ଦ ଆସିନାହିଁ। ଉର୍ବଶୀଙ୍କ ସହିତ ନନ୍ଦମୁରୀଙ୍କର ଯେଉଁ ସବୁ ଡ୍ୟାନ୍ସ ଷ୍ଟେପ ରହିଛି ତାହା ଲୋକଙ୍କୁ ପସନ୍ଦ ଆସିନାହିଁ। ଭିଡିଓ ସାମ୍ନାକୁ ଆସିବା ପରେ ଏତେ ବୟସ୍କ ହୋଇ ନନ୍ଦମୁରୀ କିଭଳି ନିଜ ଝିଅ ବୟସର ଅଭିନେତ୍ରୀଙ୍କ ସହ ଏଭଳି ନାଚିପାରୁଛନ୍ତି ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଏହା ସହ କିଛି ଲୋକ ଏହାକୁ ଆଶ୍ଲୀଳ ବୋଲି ମଧ୍ୟ କହିଛନ୍ତି।



# ରୋଜଗାରରେ ବାଧକ ନ ହୁଅ : ଶାହରୁଖ୍

ପୁରୁଣା ଭିଡିଓକୁ ନେଇ ବିବାଦରେ ବଲିଉଡର କିଙ୍ଗ ଶାହରୁଖ ଖାନ୍। ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ଶାହରୁଖଙ୍କ ଏକ ଭିଡିଓ ଭାଇରାଲ ହେଉଛି, ଯେଉଁଥିରେ ସେ ମୃଦୁ ପାନୀୟର ବିଜ୍ଞାପନ ଏବଂ ଧୂମପାନକୁ ସମର୍ଥନ କରୁଥିବା ଦେଖିବାକୁ ମିଳିଛି। ଏହି ଭିଡିଓ ଭାଇରାଲ ହେବା ପରେ ଏବେ ଶାହରୁଖ ଚର୍ଚ୍ଚାକୁ ଆସିଛନ୍ତି। କିଛି ବର୍ଷ ତଳେ ମୃଦୁ ପାନୀୟ ବ୍ରାଣ୍ଡ କୋଲାର ବିଜ୍ଞାପନ କରୁଥିଲେ ଶାହରୁଖ। ଏହା ଦେହ ପାଇଁ ଭଲ ନୁହେଁ। ଏହାର ବିଜ୍ଞାପନ କରନ୍ତୁ ନାହିଁ ବୋଲି ଅନୁରୋଧ କରାଯିବା ପରେ ଶାହରୁଖ କହିଥିଲେ, 'ମୁଁ ଅଧିକାରୀଙ୍କୁ ଅନୁରୋଧ କରିବି ଯେ, ଯଦି ଏହା ଏତେ ଖରାପ ତେବେ ଏହା ଉପରେ ପ୍ରତିବନ୍ଧକ ଲଗାଅ। ଏହାକୁ ଦେଶରେ ବିକ୍ରି ହେବାକୁ ଦିଅ ନାହିଁ। ସିଗାରେଟ ଯଦି ଦେହ ପାଇଁ ଖରାପ ବୋଲି ଭାବୁଛ, ତେବେ ଏହାର ତିଆରି ଓ ବିକ୍ରି ଭାରତରେ ବନ୍ଦ କରିଦିଅ। କିନ୍ତୁ କେହି ବି ଏହା କରିବେ ନାହିଁ। କାରଣ ଏସବୁ ଜିନିଷ ସେମାନଙ୍କୁ ଟଙ୍କା ଦେଉଛି। କୌଣସି ପ୍ରଡକ୍ଟ ହାନିକାରଣ ବୋଲି ଜାଣି ମଧ୍ୟ ଏହା ଉପରେ ସରକାର ପ୍ରତିବନ୍ଧକ ଲଗାଉନାହାନ୍ତି, କାରଣ ଏହା ତାଙ୍କୁ ଅଧିକ ଟଙ୍କା ଯୋଗାଉଛି। ତେଣୁ ମୋର ରୋଜଗାର ବନ୍ଦ କରନାହିଁ। ମୁଁ ଜଣେ ଅଭିନେତା। ମୁଁ ମୋ ନିଜ କାମ କରି ଟଙ୍କା ରୋଜଗାର କରୁଛି। ଏଥିରେ ଭୁଲ କେଉଁଠି ରହିଲା। '



# ପଖାଳ ପ୍ରିୟ ପ୍ରଭୁ ଜଗନ୍ନାଥ

ଓଡ଼ିଆରେ ଗୋଟିଏ କଥା ଅଛି- "ଶାଗଖିଆକୁ ପେଜପିଆ ସହିପାରେ ନାହିଁ।" ଏହାର ଅର୍ଥ- ଯିଏ ପେଜ ପିଇ ଜୀବନ ବଞ୍ଚୁଥାଏ, ଅର୍ଥାତ୍ ଅତି ଗରିବ, ସିଏ ଶାଗ-ପଖାଳ ଖାଇ ବଞ୍ଚୁଥିବା ଗରିବ ଲୋକଟିକୁ ଈର୍ଷା କରେ। କିନ୍ତୁ ଏଇ ପେଜ ଓ ପଖାଳ ଏ ଜାତିର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ କଥା ଓ ଗାଥା ସହ ଯୋଡ଼ିହୋଇ ଏହାକୁ ଗୌରବ ଦେଇଛି। ଭକ୍ତ ଦାସିଆ ଉପାଖ୍ୟାନ ଏହାର ଏକ ଉଦାହରଣ। ଏ ଉପାଖ୍ୟାନ ରାମ ଦାସ ବିରଚିତ 'ଦାର୍ଢ୍ୟତା ଭକ୍ତି'ରେ ଅଛି। ଶ୍ରୀକ୍ଷେତ୍ର ପୁରୀଠାରୁ ଦୁଇ କୋଶ ଦୂର ବାଲିଗ୍ରାମ ବା 'ବାଲିଗାଁ'ରେ ଦାସିଆ ବାଉରିର ଘର। ସେ ଜାତିରେ ତନ୍ତୀଫ। ସେମାନେ ଥିଲେ ସ୍ୱାମୀ-ସ୍ତ୍ରୀ ଦୁଇ ପ୍ରାଣୀ। ତାଙ୍କର ପିଲାପିଲି ନଥିଲେ। ଦାସିଆ ପାପ-ପୁଣ୍ୟ କ'ଣ ଜାଣି ନ ଥିଲା। ବାଲିଗାଁର ବ୍ରାହ୍ମଣଙ୍କ ଘରେ ବ୍ରତ ଉତ୍ସବ ଆଦିରେ ନାମ ଗାୟନ ହୁଏ। ତାହା ଦାସିଆକୁ ଭଲ ଲାଗେ। ଏହିପରି ନାମ ଗାୟନ ଶୁଣୁଶୁଣୁ ତା' ଭିତରେ ଦିବ୍ୟଜ୍ଞାନର ଉଦୟ ହେଲା। ସୁଜନଙ୍କ ପାଖରେ ବସିଲେ ତାର ମନ ଆନନ୍ଦ ହେଲା। କ୍ରମେ ପାପ କ'ଣ, ପୁଣ୍ୟ କ'ଣ ତାହା ବି ସେ ବୁଝିଲା। ଯେଉଁଦିନ ଯାହା ମିଳେ ସେ ସୁଖରେ ଖାଏ। ସୁଖ-ଦୁଃଖକୁ ସମାନ ମଣେ। ସବୁବର୍ଷ ପରି ସେ ବର୍ଷ ଗୁଣ୍ଡିଚାଯାତ୍ରା ଆସିଲା। ଦାସିଆ ପୁରୀ ଯାଇ ରଥରେ ଜଗନ୍ନାଥଙ୍କୁ ଦର୍ଶନ କଲା। ଦାସିଆ ଘରକୁ ଫେରିଲା। ତା' ସ୍ତ୍ରୀ ରଙ୍ଗହାଣ୍ଡିରେ ରାନ୍ଧିଥିବା ପେଜମିଶା ଭାତ ବା ଜାଉ ଆଣି ତା' ଆଗରେ ଥୋଇଦେଲା। ମଝିରେ ଥିଲା ମେଞ୍ଚାଏ ଶାଗଭଜା। ତାହା ଦେଖି ଦାସିଆ ମନରେ ଭାବାନ୍ତର ହେଲା। ଭାତ ଥାଳି ଭକ୍ତ ଦାସିଆକୁ ଜଗନ୍ନାଥ ପରି ଦେଖାଗଲା। ସେ ଆନନ୍ଦରେ ପ୍ରଭୁଙ୍କ ନାମ ନେଇ ନାଚି ଉଠିଲା। ପରେ ଦାସିଆ ପଠାଇଥିବା ତା' ବାରିର ନଡ଼ିଆ କିପରି ଜଗନ୍ନାଥ ନେଲେ, ତାହା ଭକ୍ତ ଓ ଭାବଗ୍ରାହୀଙ୍କ ସଂପର୍କର ଏକ ଅନୁପମ କିଂବଦନ୍ତି ଆମ ଓଡ଼ିଶାରେ ଗଢ଼ିଛି। ପେଜ ହେଉଛି ରନ୍ଧା ଭାତର ଫେଣ। ଭାତ ରାନ୍ଧିଲେ ଯେଉଁ ଫେଣମୟ ଜଳ ବାହାରେ ତାହା ପେଜ। ପେଜ ମଧ୍ୟ ଅନେକ ଅଞ୍ଚଳରେ ରନ୍ଧାଭାତକୁ ବୁଝାଏ। ସମ୍ବଲପୁର ଓ ଲରିଆ ଭାଷାରେ 'ପେଜ୍'ର ଅର୍ଥ ପଖାଳ। ତାତ୍ପର୍ଯ୍ୟପୂର୍ଣ୍ଣ ଏହି, ଯେ ଦାସିଆ ବାଉରିର ଏହି ପେଜ ବା ପଖାଳ ମଧ୍ୟ, ତା' ନଡ଼ିଆ ପରି, ଭକ୍ତ ଓ ଭାବଗ୍ରାହୀଙ୍କ କିଂବଦନ୍ତିର ଅଙ୍ଗ ହୋଇଛି। ଶ୍ରୀଜଗନ୍ନାଥଙ୍କ ଭୋଗସାମଗ୍ରୀ ମଧ୍ୟରେ ଅନ୍ୟୂନ ପାଞ୍ଚ ପ୍ରକାରର ପଖାଳ ଭୋଗ ଶ୍ରୀଜଗନ୍ନାଥଙ୍କ ପଖାଳପ୍ରିୟତାର ନିଦର୍ଶନ ହୋଇଯାଇଛି। ମାର୍ଚ୍ଚ ୨୦, ବିଶ୍ୱ ପଖାଳ ଦିବସ ପାଳନ ଅବସରରେ, ଆମେ ଏହା ସତତ ସ୍ମରଣ କରିବା ଆବଶ୍ୟକ।

# ୨୦୨୫ରେ ପୃଥିବୀ ପାଇଁ ମାଡିଆସିବ ବିପଦ



ବିଶ୍ୱର ପ୍ରସିଦ୍ଧ ଭବିଷ୍ୟବକ୍ତା ବାବା ଭେଙ୍ଗା ୨୦୨୫ରେ ମନୁଷ୍ୟର ବିଲୁପ୍ତ ହେବାର ପୂର୍ବାନୁମାନ କରିଛନ୍ତି, ଯାହା ବର୍ତ୍ତମାନ ଚର୍ଚ୍ଚାରେ ଅଛି। ଅତୀତରେ ତାଙ୍କ ଦ୍ୱାରା କରାଯାଇଥିବା ଅନେକ ଭବିଷ୍ୟବାଣୀ ସତ୍ୟ ହୋଇଛି। ନୂଆ ବର୍ଷ ଆରମ୍ଭ ହୋଇଛି। ଜ୍ୟୋତିଷ ଏବଂ ବିଶେଷଜ୍ଞଙ୍କ ଅନୁଯାୟୀ, ନୂତନ ବର୍ଷ ୨୦୨୫ ବହୁତ ଭୟାନକ ହୋଇପାରେ। ନୂଆ ବର୍ଷରେ ମଣିଷର ବିଲୁପ୍ତ ହେବା ବିଷୟରେ ବାବା ଭେଙ୍ଗା କାହିଁକି କହିଥିଲେ ଆପଣ ଜାଣନ୍ତି କି ?

୨୦୨୫ ପାଇଁ ବାବା ଭେଙ୍ଗାଙ୍କ ପୂର୍ବାନୁମାନ ଅନୁଯାୟୀ, ନୂତନ ବର୍ଷରେ ମଣିଷମାନଙ୍କ ପାଇଁ ଏକ ବଡ଼ ବିପଦ ହେବାକୁ ଯାଉଛି କିମ୍ବା ଅନ୍ୟ ଅର୍ଥରେ ସମସ୍ତେ ବିଲୁପ୍ତ ହୋଇପାରନ୍ତି । ତାଙ୍କ କହିବାନୁସାରେ, ଏହାର ମୁଖ୍ୟ କାରଣ ହେଉଛି ୟୁରୋପରେ ଏକ ଭୟଙ୍କର ଯୁଦ୍ଧ ଏବଂ ରାଜନୈତିକ ଅସ୍ଥିରତା, ଯାହା ଆଜି ଦୁନିଆର ପ୍ରତ୍ୟେକ ଦେଶରେ ବ୍ୟାପିଛି । ଜନସଂଖ୍ୟାରେ ଏକ ବିରାଟ ହ୍ରାସ ରେକର୍ଡ ହୋଇଛି। ବାବା ଭେଙ୍ଗାଙ୍କ ଅନୁଯାୟୀ, ୨୦୨୫ରେ ୧୦୦ ବର୍ଷ ପୁରୁଣା ବିପଜ୍ଜନକ ମହାମାରୀ ସମଗ୍ର ୟୁରୋପରେ ଫେରି ଆସିପାରେ, ଯେଉଁ କାରଣରୁ ଏହି ରୋଗ ସମଗ୍ର ବିଶ୍ୱରେ କରୋନା ପରି ବ୍ୟାପିପାରେ ଏବଂ ଲକ୍ଷ ଲକ୍ଷ ଲୋକ ମୃତ୍ୟୁ ବରଣ କରିପାରନ୍ତି। ସେଥିପାଇଁ ବାବା ଭେଙ୍ଗା ଦାବି କରିଛନ୍ତି ଯେ ବିନାଶର ଆରମ୍ଭ ଆଗାମୀ ବର୍ଷରେ ମଧ୍ୟ ହୋଇପାରେ।୧୯୯୬ରେ ତାଙ୍କ ମୃତ୍ୟୁ ପୂର୍ବରୁ, ବାବା ଭେଙ୍ଗା ୫୦୭୯ବର୍ଷ ପର୍ଯ୍ୟନ୍ତ ଭବିଷ୍ୟବାଣୀ କରିଯାଇଛନ୍ତି ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କର ଅନେକ ଭବିଷ୍ୟବାଣୀ ସତ୍ୟ ହୋଇସାରିଛି ।

# ୨୬ବର୍ଷ ଚାକିରି ଜୀବନରେ ଗୋଟିଏ ଦିନ ନେଇଛନ୍ତି ଛୁଟି



ଉତ୍ତରପ୍ରଦେଶର ବିଜନୋର ବାସିନ୍ଦା ତେଜପାଲ ସିଂ ନିକଟରେ ଏକ ନିଆରା ରେକର୍ଡ କରିଛନ୍ତି। ତେଜପାଲଙ୍କ ରେକର୍ଡ ଚର୍ଚ୍ଚାର ପରିସରରେ ଥିବାବେଳେ ଏହା କେମିତି ସମ୍ଭବ ବୋଲି ଲୋକେ ପ୍ରଶ୍ନ କରି କହିଛନ୍ତି, କାରଣ ଛୁଟି ତ ସମସ୍ତ କର୍ମଚାରୀଙ୍କୁ ଆବଶ୍ୟକତା ଥାଏ। ଏହି କ୍ରମରେ ଦେଖିବାକୁ ଗଲେ ୨୬ବର୍ଷ ଚାକିରିରେ ତେଜପାଲ ଗୋଟିଏ ଦିନ ଛୁଟି ନେବା କିଭଳି ଭାବେ କାମ କରିଛନ୍ତି। ତେଜପାଲ ସିଂ ଦୀର୍ଘ ୨୬ ବର୍ଷର ଚାକିରିରେ କେବଳ ଗୋଟିଏ ଦିନର ଛୁଟି ନେଇଛନ୍ତି। ଏହି ଅନନ୍ୟ ରେକର୍ଡ ପାଇଁ ତେଜପାଲ ସିଂ 'ଇଣ୍ଡିଆ ବୁକ ଅଫ ରେକର୍ଡସ'ରେ ସ୍ଥାନ ପାଇଛନ୍ତି। ୧୯୯୫ ମସିହାରେ ବିଜନୋରର ଦ୍ୱାରିକେଶ ସୁଗାର ଇଣ୍ଡଷ୍ଟ୍ରିଜ ଲିମିଟେଡରେ କାମ କରୁଥିବା ତେଜପାଲ ସିଂ ଏହି ଅନନ୍ୟା ରେକର୍ଡକୁ ନେଇ କହିଛନ୍ତି, ହୋଲି, ଦୀପାବଳି, ଦଶହରା, ଭାଇଦୁଜ୍ ଆଦି ପର୍ବକୁ ମିଶାଇ କମ୍ପାନି ମୋତେ ୪୫ ଦିନ ଛୁଟି ଦେଇଥାଏ। କାମକୁ ମୁଁ ପ୍ରାଧାନ୍ୟ ଦେଉଥିବାରୁ ସବୁଦିନ ଅଫିସ ଆସିବା ମୋର ଅଭ୍ୟାସ ଓ ରୁଚିରେ ପରିଣତ ହୋଇଯାଇଥିଲା। ଯେମିତି ଆମେ ପାଣି ବିନା ବଞ୍ଚି ପାରିବା ନାହିଁ।ସେମିତି ମୁଁ ଅଫିସ ବିନା ଘରେ ଶାନ୍ତିରେ ରହି ପାରିବି ନାହିଁ। ଅଫିସ ଆସି ଦିନର ଯାହା କାମ ତାକୁ ଶେଷ କରିବା ପରେ ମୋତେ ଯାଇ ଶାନ୍ତି ମିଳିଥାଏ। ୨୬ବର୍ଷ ଧରି ଚାକିରି କରିବା ପରେ ସାନଭାଇ ବାହାଘର ପାଇଁ ଗୋଟିଏ ଦିନ ମୁଁ ବାଧ୍ୟ ହୋଇ ଛୁଟି ନେଇଥିଲି। ତେଜପାଲ ସିଂ ତାଙ୍କ ସାନ ଭାଇମାନଙ୍କ ସହିତ ପୁରା ପରିବାରରେ ରୁହନ୍ତି। ତେଜପାଲଙ୍କର ଦୁଇ ପୁଅ ଏବଂ ଦୁଇ ଝିଅ ଅଛନ୍ତି।



# ଲମ୍ବା ଓ ଘନ କେଶର ସୌନ୍ଦର୍ଯ୍ୟ ବଢାଏ ଅଁଳା ପାଣି

**ବର୍ତ୍ତମାନ ସମୟରେ କେଶ ଝଡ଼ିବା ସାଧାରଣ ହୋଇଗଲାଣି। ଏପରି ପରିସ୍ଥିତିରେ, କେଶକୁ ଲମ୍ବା ଏବଂ ଘନ କରିବା ପାଇଁ ଅଁଳା ପାଣି ବ୍ୟବହାର କରିପାରିବେ। ଏଥିରେ ଭିଟାମିନ୍ ସି ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଭରପୂର ଥାଏ, ଯାହା କେଶକୁ ଲମ୍ବା ଓ ଘନ କରିବାରେ ସାହାଯ୍ୟ କରେ। ଏଥି ସହ କେଶ ଅଧାରୁ ଛିଣ୍ଡିବା ଓ ଶୁଷ୍କତାକୁ ଦୂର କରି ମୂଳରୁ ଦୃଢ କରିଥାଏ। ତେବେ ଅଁଳା ପାଣି କିପରି ପ୍ରସ୍ତୁତ କରିବେ ଏବଂ ଏହାକୁ କେଶରେ ଲଗାଇବେ ଆସନ୍ତୁ ଜାଣିବା....**

ଏକ ଚାମଚ ରିଠା ପାଉଡରକୁ ଏକ ଚାମଚ ଅଁଳା ପାଉଡରରେ ମିଶାଇ ସେଥିରେ ପ୍ରାୟ ୧୦୦ ମିଲିଲିଟର ପାଣି ମିଶାନ୍ତୁ। ବିନା ରିଠା ପାଉଡରରେ ମଧ୍ୟ ଏହି ପାଣି ପ୍ରସ୍ତୁତ କରିପାରିବେ। ଏହି ପାଣିକୁ କେଶ ମୂଳରୁ ଶେଷ ପର୍ଯ୍ୟନ୍ତ ଲଗାନ୍ତୁ ଏବଂ ୪ରୁ ୫ ମିନିଟ୍ ପର୍ଯ୍ୟନ୍ତ ହାତରେ ଘଷନ୍ତୁ। ଏହା ପରେ କେଶକୁ ଭଲ ଭାବରେ ସଫା କରିଦିଅନ୍ତୁ।

ଅଁଳା ପାଣି ପ୍ରସ୍ତୁତ କରିବାର ଆଉ ଏକ ଉପାୟ ଅଛି। ଏଥିପାଇଁ ଅଁଳାକୁ ଛୋଟ ଛୋଟ ଖଣ୍ଡ କରି କାଟି ଏଥିରେ ପାଣି ମିଶାନ୍ତୁ। ଏହି ପାଣିକୁ କିଛି ସମୟ ଫୁଟାନ୍ତୁ। ପାଣି ଫୁଟିବା ପରେ ଏହାକୁ ଥଣ୍ଡା କରନ୍ତୁ। ଏହି ପାଣିକୁ କେଶ ଧୋଇବା ପାଇଁ ବ୍ୟବହାର କରିପାରିବେ। ଏହା କେଶକୁ ଆର୍ଦ୍ରତା ଯୋଗାଇଥାଏ ଏବଂ ଲମ୍ବା ହେବାରେ ସାହାଯ୍ୟ କରେ।



ଆମଲା ରସକୁ ଲେମ୍ବୁ ରସ ସହିତ ମିଶାଇ କେଶରେ ଲଗାଇ ପାରିବେ। ଏହି ମିଶ୍ରଣ ହେୟାର୍ ଟୋନିକ୍ ପରି କାମ କରେ। ଏହାକୁ ଗୋଟିଏ ଘଣ୍ଟା ମୁଣ୍ଡରେ ଲଗାଇବା ପରେ ଧୋଇଦେବେ। ସେହିପରି ଭୃସଙ୍ଗା ପତ୍ରକୁ ମଧ୍ୟ ଅଁଳା ସହ ମିଶାଇ କେଶରେ ଲଗାଇ ପାରିବେ। ଏଥିପାଇଁ ଅଁଳାକୁ ଛୋଟ ଛୋଟ ଖଣ୍ଡରେ କାଟି ସେଥିରେ ଭୃସଙ୍ଗା ପତ୍ର ମିଶାଇ ଗ୍ରାଇଣ୍ଡିଂ କରନ୍ତୁ।

**ଯଦି ଆପଣ ରାତିରେ ନିଦ ନ ହେବା ସମସ୍ୟାରେ ପୀଡିତ ତେବେ ଏହା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇବ । ତେବେ ଏଥିପାଇଁ ଆପଣ ରାତିରେ ମେଡିସିନ୍ ଖାଇବା ପରିବର୍ତ୍ତେ ନିମ୍ନୋକ୍ତ ଘରୋଇ ଉପାୟ ଆପଣାନ୍ତୁ ।**

# ରାତିରେ ନିଦ ଆସୁନି କି, ଆପଣାନ୍ତୁ ୩ଟି ଉପାୟ

**ଶୋଇବା ପୂର୍ବରୁ କିଛି ଲେଖାପଢା କରନ୍ତୁ :** ଚିନ୍ତାରୁ ମୁକ୍ତ ରଖିବା ଓ ଶରୀରକୁ ଆରାମ ଦେବା ପାଇଁ କିଛି ଲେଖିବା ଠାରୁ ଭଲ ଉପାୟ ଆଉ କିଛି ନାହିଁ । ଆପଣ ରାତିରେ ଶୋଇବା ପୂର୍ବରୁ ଯଦି ନିଜ ଡାଏରୀରରେ ସବୁ କିଛି ଲେଖି ରଖିବେ ତେବେ ଆପଣଙ୍କ ମନରୁ ଅଧିକାଂଶ ଚିନ୍ତା ଦୂରେଇଯିବ ଓ ଭଲ ନିଦ ବି ହେବ ।

**ଶୋଇବାର ୩ ଘଣ୍ଟା ପୂର୍ବରୁ ଖାଦ୍ୟ ଖାଆନ୍ତୁ:** ରାତିରେ ହାଲ୍କା ଖାଦ୍ୟ ଖାଆନ୍ତୁ ଓ ଶୋଇବାର ୩ ଘଣ୍ଟା ପୂର୍ବରୁ ଖାଦ୍ୟ ଖାଆନ୍ତୁ । ରାତିରେ ଏପରି ଖାଦ୍ୟ ଖାଆନ୍ତୁ ନାହିଁ ଯେଉଁଥିରେ ଚିନି, ପ୍ରସେସଡ୍ କାର୍ବୋହାଇଡ୍ରେଡ୍, ଫ୍ୟାଟ୍ ଓ କ୍ୟାଫିନବାଲା ଖାଦ୍ୟପଦାର୍ଥ ସାମିଲ ରହିଛି । ଶୋଇବା ପୂର୍ବରୁ କ୍ଷୀର ଓ କଦଳୀ ଖାଇବା ଦ୍ୱାରା ଆପଣଙ୍କୁ ଶୀଘ୍ର ନିଦ ଆସିବାରେ ସହାୟକ ହୋଇଥାଏ ।

**ଶୋଇବାର ଏକ ଘଣ୍ଟା ପୂର୍ବରୁ ମୋବାଇଲ୍ କିମ୍ବା କମ୍ପ୍ୟୁଟର ଦେଖନ୍ତୁ ନାହିଁ:** ଅତି କମ୍‌ରେ ଶୋଇବାର ଏକ ଘଣ୍ଟା ପୂର୍ବରୁ ଟିଭି, ମୋବାଇଲ୍ କିମ୍ବା କମ୍ପ୍ୟୁଟର ଦେଖନ୍ତୁ ନାହିଁ । କାରଣ ଏହାର ସ୍କ୍ରିନରୁ ଆସୁଥିବା ନୀଳ ଆଲୋକ ଆପଣଙ୍କ ଶରୀରରେ ମେଲାଟୋନିନ ହରମୋନ୍ ଉତ୍ପାଦନ କମ୍ କରିଦିଏ । ଏହି ହରମୋନ୍ ନିଦ ଆସିବାରେ ସହାୟକ ହୋଇଥାଏ ।






# ତାଳଚେର ଦେଉଳବେଢ଼ା ତେଲିସାହି ଠାରେ ସାମାଜିକ ପ୍ରକଳ୍ପ ଗୁଡିକର ଉଦଘାଟନ କଲେ କେନ୍ଦ୍ରମନ୍ତ୍ରୀ



ଅନୁଗୋଳ/ତାଳଚେର, (ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଅନୁଗୋଳ ଜିଲ୍ଲା ତାଳେଚର ଦେଉଳବେଢ଼ା ତେଲିସାହି ଗ୍ରାମରେ ଏକ କଲ୍ୟାଣ ମଣ୍ଡପ, ଗ୍ରାମର ସୁସଜ୍ଜିତ ମୁଖ୍ୟ ତୋରଣ ଏବଂ ନାଚ ମଣ୍ଡପର ଉଦଘାଟନ କରିଛନ୍ତି । ଏହି ଅବସରରେ ସେ ଗ୍ରାମବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ କହିଛନ୍ତି ଯେ ପ୍ରାୟ ୨୬ ଲକ୍ଷ ଟଙ୍କା ବ୍ୟୟବରାଦରେ ଉଦଘାଟିତ ହୋଇଥିବା ସମସ୍ତ ପ୍ରକଳ୍ପ ଗୁଡ଼ିକ ଗାଁରେ ବାହାଘର, ବ୍ରତଘର ଭଳି ସାଂସ୍କୃତିକ, ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ସହଯୋଗର ଭୂମିକା ଗ୍ରହଣ କରିବ । ଗ୍ରାମବାସୀମାନେ ଏହି ସବୁ ବ୍ୟବସ୍ଥା ଦ୍ୱାରା ବିଶେଷ ଉପକୃତ ହୋଇପାରିବେ । ଗାଁର ଜନସାଧାରଣ ବିଶେଷ ଭାବରେ ଯୁବବନ୍ଧୁଙ୍କ ଉତ୍ସାହ କାରଣରୁ ଏହି କାମ ସମ୍ଭବ ହୋଇପାରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱ ଓ ବିକାଶର କଳ୍ପନାରେ ଏହି ସବୁ ସାମାଜିକ କାର୍ଯ୍ୟରେ ସହଯୋଗୀ ହୋଇଥିବାରୁ ଶ୍ରୀ ପ୍ରଧାନ ଏମସିଏଲକୁ ଧନ୍ୟବାଦ ଜଣାଇଛନ୍ତି । ସେ ଆହୁରି କହିଛନ୍ତି ଯେ ଆଜି ଆମ ଜିଲ୍ଲା ଅନୁଗୋଳ ପାଇଁ ଏକ ବିଶେଷ ଦିନ । ଜିଲ୍ଲାରେ ଶିକ୍ଷା ଓ ଦକ୍ଷତା ବିକାଶକୁ ଆଗକୁ ନେବା ପାଇଁ ଅନୁଗୋଳରେ ଆଇଆଇଏମ ମୁମ୍ବାଇ ଓ ଆଇଆଇଏମ ସମ୍ବଲପୁର ଦ୍ୱାରା ପରିଚାଳିତ ହେବାକୁ ଥିବା ମ୍ୟାନେଜମେଣ୍ଟ ଶିକ୍ଷା କେନ୍ଦ୍ରର ଉଦଘାଟନ ହୋଇଛି । କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ଭବନ ସହ ସ୍କିଲ ଇଣ୍ଡିଆ ସେଣ୍ଟର, ଜନ ଶିକ୍ଷଣ ସଂସ୍ଥାନର ଲୋକାର୍ପଣ ଭଳି କାର୍ଯ୍ୟକ୍ରମ ଗୁଡିକ ଜିଲ୍ଲାକୁ ଗୁଣାତ୍ମକ ଶିକ୍ଷା, ମ୍ୟାନେଜମେଣ୍ଟ ଏବଂ ଦକ୍ଷତା କ୍ଷେତ୍ରରେ ଅଗ୍ରଣୀ କରାଇବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ସାଂସଦ ରୁଦ୍ର ନାରାୟଣ ପାଣି , ଏନ ଏସ ଆଇ ସି ଡାଇରେକ୍ଟର କାଳନ୍ଦି ସାମଲ,ଏମ୍ସିଏଲ ଲିଙ୍ଗରାଜ କ୍ଷେତ୍ରର ଜିଏମ ସୁବ୍ରତ ବିଶ୍ୱାଳ, ଜଗନ୍ନାଥ ଜିଏମ ଅଶୋକ କୁମାର ଧଳ, ଏମ୍ସିଏଲ ର ସମସ୍ତ ଅଧିକାରୀ ଙ୍କ ସମେତ ସମସ୍ତ ଗ୍ରାମବାସୀ ,ଗ୍ରାମ ସଭାପତି ନବ କିଶୋର ସାହୁ, ଉପ ସଭାପତି ଶଙ୍କର୍ଷଣ ବେହେରା, ବାବୁଲା ପୃଷ୍ଟି,ପ୍ରାକ୍ତନ ଉପ ନଗରପାଳ ସୁଫଳା ପୃଷ୍ଟି, କାର୍ତ୍ତିକେଶ୍ୱର ସାହୁ,ତୁଷାର କୁମାର ସାହୁ,ବନିତା ସାହୁ, ପ୍ରଦୀପ କୁମାର ସାହୁ, ଯଯାତି ପଟ୍ଟନାୟକ, ପର୍ଶୁରାମ ବାରିକ, ମନୋଜ ପ୍ରଧାନ, ବିଭୁତି ସାହୁ, ବିରଞ୍ଚି ସାହୁ, ମିଲ୍ଲୀ ପ୍ରଧାନ, ସ୍ୱାଧୀନ ଅନ୍ଧ, ଅନିତା ବିଶ୍ୱାଳ, କାଳନ୍ଦି ପ୍ରଧାନ, ପ୍ରଶାନ୍ତ ନନ୍ଦ ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଯୋଗ ଦେଇଥିଲେ ।

# କନ୍ଧମାଳରେ ସାଂସଦଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

ଫୁଲବାଣୀ,(ପି.ଏନ): କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ରବିବାର ଓ ସୋମବାର ଦୁଇଦିନ ଧରି କନ୍ଧମାଳ ଜିଲ୍ଲାରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ଥର ସ୍ଥାପନ କରିଛନ୍ତି । ସାଂସଦ ଶ୍ରୀ ସାମନ୍ତ ରବିବାର ପୂର୍ବାହ୍ନରେ ଫୁଲବାଣୀରେ ଆୟୋଜିତ ବିରାଟ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ କନ୍ଧମାଳ ଜିଲ୍ଲାରେ ବିକାଶର ରଥ ଆଗେଇ ଚାଲିଛି ବୋଲି କହିଥିଲେ । କନ୍ଧମାଳ ଜିଲ୍ଲାବାସୀଙ୍କ ସହଯୋଗରେ କନ୍ଧମାଳକୁ ଏକ ନମ୍ବର ଜିଲ୍ଲାରେ ପରଣିତ କରିବା ପାଇଁ ସେ ଆହ୍ୱାନ କରିଥିଲେ । ପରେ ଶ୍ରୀ ସାମନ୍ତ ବାଲିଗୁଡ଼ା ବ୍ଲକର ୪ଟି ଦୁର୍ଗମ ପଞ୍ଚାୟତରେ ୧୫କୋଟି ଟଙ୍କା ବ୍ୟୟ ଅଟକଳରେ ବିଜୁ ସେତୁ ଯୋଜନାରେ ନିର୍ମାଣ ହେବାକୁ ଥିବା ୪ଟି ସେତୁର ଭିତ୍ତିପ୍ରସ୍ଥର ସ୍ଥାପନ କରିଛନ୍ତି । ବାଲିଗୁଡ଼ା ବ୍ଲକର ବାରଖମା ପଞ୍ଚାୟତ ଡ଼େଲାମୁଣ୍ଡାଠାରୁ ଗତିଙ୍ଗିଆ ରାସ୍ତାରେ ୨କୋଟି ୮୭ଲକ୍ଷ ଟଙ୍କା ବ୍ୟୟରେ ଏବଂ ସଲାଗୁଡ଼ା ପଞ୍ଚାୟତ ସକରପଡ଼ି-ବୁକୁକିଆ ରାସ୍ତାରେ ୨କୋଟି ୯୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ବୁଡୁରୁକିଆ ପଞ୍ଚାୟତର ମାଦିନାଟ ନାଳ ଉପରେ ୫କୋଟି ୫ଲକ୍ଷ ଟଙ୍କା ଏବଂ ସିନ୍ଦ୍ରିଗାଁ ପଞ୍ଚାୟତର ଗାଡ଼ିଆଯୋଡ଼ି ନାଳ ଉପରେ ୩ କୋଟି ୯୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ହାଇ ଲେବଲ୍ ସେତୁର ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, କନ୍ଧମାଳ ଜିଲ୍ଲା ପରିଷଦ ଅଧକ୍ଷା ନନ୍ଦିନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାଇକିଆ ବ୍ଲକର ସୁଗଡ଼ାବାଡ଼ି-ଡ଼ିଗି ରାସ୍ତାର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେବା ସହ ରାଇକିଆ, ଟିଆଙ୍ଗିଆ, କାନବାଗେରୀ, ଟିକାବାଲିଠାରେ ସଂଖ୍ୟାଲଘୁ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହାଛଡ଼ା ରାଇକିଆଠାରେ ପଞ୍ଚାୟତ ସୁବିଧା କେନ୍ଦ୍ର ଓ ରାଇକିଆ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ । ପରେ ରାଇକିଆଠାରେ ୩ଟି ସ୍ୱଂୟ ସହାୟକ ଗୋଷ୍ଠୀର ମହିଳାଙ୍କୁ ନିଜସ୍ୱ ପାଣ୍ଠିରୁ ସିଲେଇ ମେସିନ୍ ବଣ୍ଟନ କରିଥିଲେ । ସୂଚନାଯୋଗ୍ୟ, ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସାଂସଦ ଶ୍ରୀ ସାମନ୍ତ ନିଜସ୍ୱ ପାଣ୍ଠିରୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକରେ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀକୁ ସିଲେଇ ମେସିନ୍ ବଣ୍ଟନ କରିଆସୁଛନ୍ତି । ଏହିସବୁ କାର୍ଯ୍ୟକ୍ରମରେ ଉପବାଚସ୍ପତି ସାଲୁଗା ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ରୋଦନ ମଲ୍ଲିକ, କନ୍ଧମାଳ ଜିଲ୍ଲା ପରିଷଦ ଉପାଧକ୍ଷା ସାଧବାଣୀ ନାୟକ, ରାଇକିଆ ବ୍ଲକ ଅଧକ୍ଷ ପ୍ରୀତମ ପ୍ରଧାନ, ବିଡିଓ ସୀମାଚଳ ମଣ୍ଡଳ ପ୍ରମୁଖ ଯୋଗଦେଇ ଥିଲେ ।

# ଫିରିଙ୍ଗିଆଠାରେ କିନ୍ନର ମାନଙ୍କର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ

କନ୍ଧମାଳ,(ପିଏନ)– କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଉନ୍ନିତ ଉଚ୍ଚବିଦ୍ୟାଳୟ ଖେଳପଡିଆ ଠାରେ କନ୍ଧମାଳ ଜିଲ୍ଲା କିନ୍ନର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁର୍ଗିମାତା କିନ୍ନର ସଂଘ ଫିରିଙ୍ଗିଆ ଶାଖା ଅନୁକୂଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ସଂଘ ର ସଭାପତି ମୁନି କିନ୍ନର ସଭାପତିତ୍ୱ କରିଥିବା ବେଳେ କନ୍ଧମାଳ ଜିଲ୍ଲା ରାଇକିଆ ର କିନ୍ନର ମାନଙ୍କ ଗୁରୁ ସଂଧ୍ୟାରାଣୀ କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସାମାଜିକ ଦୁରତା ବଜାୟ ରଖି କୋଭିଡ ନିୟମ ଅନୁସାରେ ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଘୁ.ଉଦୟଗିରି ରୁ ଝୁମୁକା ନାୟକ ,ବାଲିଗୁଡାରୁ ବିଷ୍ଣୁପ୍ରିୟା ପ୍ରଧାନ ,ତୁମୁଡିବନ୍ଧ ବ୍ଲକରୁ ସୁମନ ବାରିକ , ରାଇକିଆରୁ ଲିପସା କିନ୍ନର ,ଫୁଲବାଣୀରୁ ପାୟଲ କିନ୍ନର ,କ.ନୁଆଁଗାଁରୁ ନିଲୁ ବିଶୋୟୀ,ଖଜୁରିପଡା ବ୍ଲକରୁ ଶିତଲ କିନ୍ନର , କୋଟଗଡରୁ ସଂଧ୍ୟା କିନ୍ନରଙ୍କ ସହ ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକରୁ ଜଣେ ଲେଖାଏଁ ପ୍ରତିନିଧି ଯୋଗ ଦେଇଥିଲେ । ଫିରିଙ୍ଗିଆ କିନ୍ନର ସଂଘର ସମ୍ପାଦକ ରିଙ୍କି କିନ୍ନର ଓ ମନିସା ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ତେବେ କିନ୍ନର ମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଏହା ସହ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ଭତା ପ୍ରଦାନ, ଉଚ୍ଚ ଶିକ୍ଷିତ କିନ୍ନର ମାନଙ୍କୁ ସରକାରୀ ଚାକିରି ଦେବା କିନ୍ନର ମାନଙ୍କୁ ସ୍ୱାୟଂସହାୟକ ଗୋଷ୍ଠୀ ଗଠନ କରିବା ଦିଗରେ ରାଜ୍ୟସରକାର ପଧକ୍ଷେପ ନେବା ଜରୁରି ବୋଲି ବୈଠକରେ ଆଲୋଚନା ହୋଇଥିଲା। । ଅନ୍ୟପଟେ ଫିରିଙ୍ଗିଆ ଠାରେ କିନ୍ନର ମାନଙ୍କ ବୈଠକ ପାଇଁ ଏକ ବୈଠକ ଗୃହ ଓ କରୋନ କଟକଣା ପାଇଁ ଜୀବିକା ହରାଇଥିବା କିନ୍ନର ମାନେ କିପରି ସରକାରୀ ସହାୟତା ପାଇବେ ସେହି ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ହୋଇଥିବା ସମସ୍ତ ପ୍ରସ୍ତାବକୁ ଜିଲ୍ଲାପାଳଙ୍କୁ ଜଣାଇବା ନେଇ ଆଲୋଚନା ହୋଇଥିଲା ।

# ପ୍ରଧାନମନ୍ତ୍ରୀଙ୍କ ଯାଜପୁର ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ପ୍ରକଳ୍ପ ଘୋଷଣା କରିବାକୁ ଦାବି

ଭୁବନେଶ୍ୱର(ପି.ଏନ): ଆଗାମୀ ମାର୍ଚ୍ଚ ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚଣ୍ଡିଖୋଲ ଗସ୍ତ ସମୟରେ ଯାଜପର ରୋଡ଼–ଧାମରା ରେଳପଥ ନିର୍ମାଣ ହରିଦାସପୁର କେନ୍ଦ୍ରାପଡ଼ା ପାରାଦ୍ୱିପ ପର୍ଯ୍ୟ' ପାସେର ଟ୍ରେନ୍ ଚାଲୁ କରିବା ଧାନମଣ୍ଡଳ ଠାରେ ଇଣ୍ଡିଆନ ଅଏଲ ତରଫରୁ ତୈଳ ବିଶୋଧନଗାର ସ୍ଥାପନ କରିବା । ଓଡ଼ିଶାର ୪୮୦ କି.ମି. ବ୍ୟାପ୍ତ ସମୁଦ୍ର ତଟ ଅଂଚଳରେ ହେ'ାଳ ବଣ ସହ ଉଚ୍ଚ ବନ୍ଧ ଓ ରାସ୍ତା ନିର୍ମାଣ କରିବା । ପ୍ରକଳ୍ପ ଗୁଡ଼ିକୁ ପ୍ରଧାନମନ୍ତ୍ରୀ ୫ ତାରିଖ ତାଙ୍କ ଗସ୍ତ ସମୟରେ ଘୋଷଣା କରିବା ପାଇଁ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ କଂଗ୍ରେସ କାର୍ଯ୍ୟକାରିଣି ସଦସ୍ୟ ଡ. ରାମଚନ୍ଦ୍ର ଖୁଂଟିଆ ଦୃଢ଼ ଦାବୀ କରିଛଁ । ଦୈତାରୀ ପାରାଦ୍ୱିପ ତୋରିତ ରାଜପଥ ରାସ୍ତାକୁ ୮ଲେନ୍ ବିଶିଷ୍ଟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଛି । ଏହି ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଏହାକୁ ଶୁଭ ଦେବା ନିର୍ମାଣ କାର୍ଯ୍ୟ ସରିନଥିବାରୁ ଏହାକୁ ଲୋକାର୍ପଣ କରିବା ସମୟ ଆସିନାହିଁ । ସେହପରି ଯାଜପୁର ରୋଡ଼ ଫ୍ଲାଇ ଓଭର ନିର୍ମାଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଟଙ୍କା ଦେବା ପରେ ନିର୍ମାଣ କରିବା ପାଇଁ ଟେଣ୍ଡର କରାଯାଇନଥିବାବେଳେ ଏହାକୁ ଲୋକାର୍ପଣ କରିବା ନିର୍ବାଚନ ପୂର୍ବରୁ ଏହା ରାଜନୈତିକ ଉଦ୍ଦ୍ୟେଶ ପ୍ରଣୋଦିତ । ଯାଜପୁର-କେନ୍ଦୁଝର – ରାଉରକେଲା-ସୁନ୍ଦରଗଡ଼ ଅଂଚଳରୁ ହଜାର ହଜାର କୋଟି ଟଙ୍କାର ଖଣିଜ ପଦାର୍ଥ ବିଦେଶକୁ ପଠାଯାଉଥିଲାବେଳେ ଏହି ଖଣିଜ ପଦାର୍ଥ ସରିଗଲା ପରେ ଯାଜପୁର କେନ୍ଦ୍ରଝର – ରାଉରକେଲା – ସୁନ୍ଦରଗଡ଼ ଡ. ଖୁଂଟିଆ ପ୍ରଶ୍ନ କରିଛନ୍ତ । ଏଣୁ ଏ ସମସ୍ତ ଖଣିଜ ପଦାର୍ଥ ରପ୍ତାନ କରି ଯାଜପୁର କେନ୍ଦ୍ରଝର – ରାଉରକେଲା – ସୁନ୍ଦରଗଡ଼ ଅଂଚଳରେ ଏହି ଖଣିଜ ପଦାର୍ଥକୁ ବିନିଯୋଗ କରି ନୂତନ କଲକାରଖାନା ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିବାକୁ ପ୍ରଧାନମନ୍ତ୍ରୀଙ୍କ ଠାରେ ଡ. ଖୁଂଟିଆ ଦାବୀ କରିଛଁ । ଏହି ଉପରୋକ୍ତ ପ୍ରୋଜେକ୍ଟ ଗୁଡ଼ିକୁ ଘୋଷଣା କରାନଗଲେ ଏହା ପ୍ରଧାନମନ୍ତ୍ରୀଙ୍କର କେବଳ ଏକ ନିର୍ବାଚନ ସଭା ଏବଂ ଏହାକୁ କଂଗ୍ରେସ ଦଳ ତରଫରୁ ବିରୋଧ କରାଯିବ ବୋଲି ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ମନୋଜ ରାଉତ କଂଗ୍ରେସ ନେତା, ଶ୍ରୀ ସନ୍ତୋଷ ନନ୍ଦ ।

# ଫିରିଙ୍ଗିଆରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ୮୫ ୟୁନିଟ ରକ୍ତ ସଂଗୃହିତ

କନ୍ଧମାଳ,(ପିଏନ)–କନ୍ଧମାଲ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଦରମହକୁମା ଠାରେ ଥିବା ବିଜୁକଲ୍ୟାଣ ମଣ୍ଡପରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିର ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ କର୍ଣ୍ଣଙ୍କ ପରିଚାଳନାରେ ଆୟୋଜିତ ହୋଇଥିଲା । ଏଥିରେ କନ୍ଧମାଳ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ସାରତୀ ମଲ୍ଲିକ,ଜିଲ୍ଲା ବିଜେଡି ଯୁବ ସଭାପତି ବିଷ୍ଣୁଚରଣ ମଲ୍ଲିକ,ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ,ଜିଲ୍ଲା ପରିଷଦ ସଦସ୍ୟା ଜୟଶ୍ରୀ କହଁର,ସମିତି ସଭ୍ୟ ପ୍ରତାପ କୁମାର ସାହୁ,ବିଜୁ ଜନତା ଦଳ ଫିରିଙ୍ଗିଆ ସଭାପତି ପ୍ରଦୀପ କୁମାର ବେହେରାଙ୍କ ସମେତ ଅନ୍ୟ ବିଜୁ ଜନତା ଦଳର କର୍ମୀମାନେ ଉପସ୍ଥିତ ରହି ରକ୍ତ ଦାନ କରିଥିଲେ ।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ୍ୟ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ  ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ  ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ରଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।




# ହୀଦ ବାଜି ରାଉତଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ଦାବିରେ ମହିଳା ଶିଶୁ ବିଭାଗ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ପତ୍ର

ଭୁବନେଶ୍ୱର, (ପିଏନ)– ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତ (୫ ଅକ୍ଟୋବର ୧୯୨୬ – ୧୧ ଅକ୍ଟୋବର ୧୯୩୮)ଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରିବା, ଜାତୀୟ ସ୍ତରରେ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା ଓ ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତି ପ୍ରତିଷ୍ଠା ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କ ପାଖକୁ ଆଜି ବାଜି ରାଉତଙ୍କ ୮୨ତମ ଶହୀଦ ଦିବସ ଉପଲକ୍ଷେ ଏକ ପତ୍ର ଲେଖାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଲିଖିତ ଏହି ପତ୍ରର ଏକକିତା ନକଲ ଦେଶର ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ପ୍ରଦାନ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି । ଏହି ପତ୍ରରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ, ୧୨ ବର୍ଷର ବାଳକ ବାଜି ରାଉତଙ୍କର ତ୍ୟାଗ ଅତୁଳନୀୟ । ଜାତୀୟ ଇତିହାସ ପୃଷ୍ଠାରେ ତାଙ୍କ ତ୍ୟାଗ ପାଇଁ ଯେଉଁ ସ୍ଥାନ ମିଳିବା କଥା, ତାହା ମିଳିପାରିନାହିଁ । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ଥିଲେ ସର୍ବକନିଷ୍ଠ ଶହୀଦ । ଆଜିର ପିଢୀ ତାଙ୍କ ଜୀବନୀରୁ ଅନେକ କିଛି ଶିଖିପାରିବ। ଆଜିର ଶିଶୁମାନଙ୍କ ଭିତରେ ବାଜି ରାଉତଙ୍କ ତ୍ୟାଗ ଓ ସାହାସର ବ୍ୟାପକ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ଶହୀଦ ବାଜି ରାଉତଙ୍କ ନାମରେ ଜାତୀୟ ସ୍ତରରେ ଏକ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରାଯାଉ ଏବଂ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା କରାଯାଇ ତାଙ୍କ ପ୍ରତିମୂର୍ତିକୁ ସେଠାରେ ସ୍ଥାନିତ କରାଯିବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଏ ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ୍ ଯୋଗେ ଏକ ପତ୍ର ପ୍ରଦାନ କରି ଅନୁରୋଧ କରିଛନ୍ତି ।

## ଚୋରା ମଦ ବିକ୍ରି ବନ୍ଦ କରିବାକୁ ଯାଇଥିବା ମହିଳା ପୁଲିସଙ୍କୁ ଆକ୍ରମଣ

# ଜଣେ ଗିରଫ, ଅନ୍ୟମାନେ ଫେରାର

ବାରିପଦା,(ପିଏନ)– ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ତଥା ବିଶୋଇ ଥାନା ନିକଟ ଶନିବାର ସାପ୍ତାହିକ ହାଟରେ କେତେକ ମହିଳା ସବୁ ଦିନ ବସି ହାଣ୍ଡିଆ ସହ ମହୁଲି ମଦ ବିକ୍ରି କରିଥାନ୍ତି । କେବଳ ହାଟ ବାରି ଦିନ ହାଣ୍ଡିଆ ଓ ମଦ ପିଇବା ନିମନ୍ତେ ସେମାନଙ୍କ ନିକଟରେ ବେଶ ଗହଳି ଜମି ଥାଏ । ଏହି ହାଣ୍ଡିଆ ଓ ଦେଶୀ ମହୁଲି ମଦ ବିକ୍ରିକୁ ବନ୍ଦ କରିବା ନିମନ୍ତେ ବିଶୋଇ ଥାନା ମହିଳା ପୁଲିସ କର୍ମଚାରୀ ମଞ୍ଜୁଲତା ସାହୁ ହାଣ୍ଡିଆ ଓ ମଦ ବିକ୍ରି କରୁଥିବା ମହିଳାମାନଙ୍କୁ ତାଗିଦ କରିଥିଲେ । କିନ୍ତୁ ପୁଲିସର ସତର୍କବାଣିକୁ ମହିଳାମାନେ ନ ମାନି ସେମାନଙ୍କର ବ୍ୟବସାୟ ଜାରି ରଖିଥିଲେ । ଖବରପାଇ ବିଶୋଇ ଥାନା ମହିଳା ପୁଲିସ ପହଁଚି ହାଣ୍ଡିଆ ଓ ମଦ ବିକ୍ରିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ଉଭୟଙ୍କ ମଧ୍ୟରେ ପ୍ରଥମେ କଥାକଟାକଟି ଓ ପରେ ହାତାହାତି ଆରମ୍ଭ ହୋଇଯାଇଥିଲା । ଦୁଇ ଜଣ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀ ଯାଇଥିବା ମହିଳା ପୁଲିସ କର୍ମଚାରୀମାନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ଏହାପରେ ମହିଳା ପୁଲିସ କର୍ମଚାରୀ ମଧ୍ୟ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀମାନଙ୍କୁ ଆକ୍ରମଣ କରୁଥିବାର ଏକ ଭିଡ଼ିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହାପରେ ମହିଳା ପୁଲିସ କର୍ମଚାରୀ ସ୍ଥାନୀୟ କାଣ୍ଡରା ଗ୍ରାମର କାପୁରା ମାର୍ଣ୍ଡିଙ୍କୁ ଧରି ଥାନାକୁ ନେଇ ଯାଇଥିଲେ ଏବଂ ଥାନାରେ ୯୯/୨୦୨୦ରେ ଏକ ମାମଲା ରୁଜୁ କରି ବେଆଇନ ଭାବେ ଚୋରା ମଦ ବିକ୍ରି କରିବା ଓ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଭିଯୋଗରେ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ପୁଲିସ ପକ୍ଷରୁ ତାକୁ ଧରିବା ନିମନ୍ତେ ତଲାସୀ ଜାରି ଥିବାର ଜଣାପଡ଼ିଛି ।

# ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ

ଭୁବନେଶ୍ୱର, (ପିଏନ)– ଆନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଆଜି ପୂର୍ବାହ୍ନରେ ଆୟୋଜିତ ରାଜ୍ୟସ୍ତରୀୟ ୱେବିନାରରେ ରାଜ୍ୟର କିଶୋରୀମାନଙ୍କ ନିମନ୍ତେ ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି ମୋ ସ୍ୱର, ଆମର ସମାନ ଭବିଷ୍ୟତ । ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଏହି ପ୍ୟାକେଜ ଲୋକାର୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରାଜ୍ୟର ୧୦ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ ସାମଗ୍ରିକ ବିକାଶ ଏବଂ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ଏବଂ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଏହା କାର୍ଯ୍ୟକାରୀ କରାଯିବ ।

ଏହି ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ, ଅଦ୍ୱିକାର ଅର୍ଥ ଅଦ୍ୱିତୀୟ କରି ଗଢ଼ି ତୋଳିବାରେ ଏହା ଏକ ଅଭିନବ ପ୍ରୟାସ । ନିଜ ସମସ୍ୟାକୁ ବୁଝିପାରିଲେ ନିଜ ଅଧିକାର ପାଇଁ ସେମାନେ ଲଢ଼ି ଶିଖିବେ ଏବଂ ସମାଜରେ ଦୃଢ଼ ଭାବେ ଠିଆ ହୋଇପାରିବେ । ପ୍ରତ୍ୟେକ ଝିଅଙ୍କ ସୁରକ୍ଷିତ, ସୁଖପୂର୍ଣ୍ଣ ଉଜ୍ଜଳ ଭବିଷ୍ରତ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ଖେଳ ପର୍ଯ୍ୟବେକ୍ଷକ

Bhubaneswar Wednesday February 19 | ଭୁବନେଶ୍ୱର ବୁଧବାର, ଫେବୃଆରୀ ୧୯,୨୦୨୫ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com



## ଆଜିଠୁ ଦଶମ ପ୍ରଶାନ୍ତ ରାଉତରାୟ ମେମୋରିଆଲ କ୍ରିକେଟ, ଜର୍ସି ଉନ୍ମୋଚିତ

ଭୁବନେଶ୍ୱର,(ପି.ଏନ): ରାଜ୍ୟସ୍ତରୀୟ ପ୍ରଶାନ୍ତ ରାଉତରାୟ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଟ ଆସନ୍ତା କାଲି ୧୯ତାରିଖରୁ ବିଜେବି କଲେଜ ଖେଳ ପଡ଼ିଆରେ ଭୁବନେଶ୍ୱର ଓକିଲ ସଂଘ ଆନୁକୁଲ୍ୟାଲରେ ଆରମ୍ଭ ହେବାକୁ ଯାଉଅଛି । ଏହି ଟୁର୍ଣ୍ଣାମେଟର ଓଡ଼ିଶାର ବିଭିନ୍ନ ଓକିଲ ସଂଘର ୮ଟି ଟିମ୍ ଅଂଶଗ୍ରହଣ କରିବେ । ଏଥିରେ ବିଚାବିଭାଗୀୟ ଏକାଦଶ ସହ ପ୍ରଶାସନ ଏକାଦଶ ଖେଳ ଅନୁଷ୍ଠିତ ହେବ। ଏହି ଅବସରରେ ପ୍ରଶାନ୍ତ ରାଉତରାୟ ମେମୋରିଆଲ କ୍ରିକେଟ ଜର୍ସି ଉନ୍ମୋଚିତ ହୋଇଛି। ଏଥିରେ ଭୁବନେଶ୍ୱର ଓକିଲ ସଂଘ ସମ୍ପାଦକ ଦିପକ କୁମାର ଦାଶ, ଯୁଗ୍ମ ସମ୍ପାଦକ ଅନ୍ତର୍ଯ୍ୟାମୀ ବିଶ୍ୱାଳ,



ଖେଳ କମିଟି ଅଧକ୍ଷ ସୂର୍ଯ୍ୟ ନାରାୟଣ ଦାସ, ସହ ଅଧକ୍ଷ ସନ୍ତୋଷ ଚୌଧୁରୀ , ଭୁବନେଶ୍ୱର ଟିମ୍ କ୍ୟାପ୍ଟେନ୍ ସୁମନ ରାଉତରାୟ, ଖେଳ ପରିଚାଳଣା କମିଟି ସଦସ୍ୟ ଜୟନ୍ତ କୁମାର ଜେନା, ନିହାର ରନ ସେଠୀ ଓ ଖେଳ କମିଟି ମ୍ୟାନେଜର ରମାକାନ୍ତ ରାଉତରାୟ ପ୍ରମୁଖ ଉପସ୍ଥିତଥିଲେ।

## ଲଜ୍ ଛାତ ଉପରୁ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ ଦେହ ଉଦ୍ଧାର

ପାରାଦୀପ,(ପି.ଏନ): ପାରାଦୀପ ଆଦର୍ଶ ଥାନାର ଅନତି ଦୂରରେ ଏକ ଲଜ୍‌ର ଛାତ ଉପରୁ ଜନୈକ ଯୁବକଙ୍କ ମୃତ ଦେହ ସନ୍ଦେହଜନକ ଭାବେ ଉଦ୍ଧାର କରାଯାଇଛି । ଘଟଣାରୁ ପ୍ରକାଶଯେ, କୋଲକତାର ସୁମନ କମଲ ପାରାଦୀପର ଏକ କମ୍ପାନୀରେ କାମ କରୁଥିଲେ । ପାରାଦୀପ ଆଦର୍ଶ ଥାନା ନିକଟସ୍ଥ ବଡପଡିଆ ମାର୍କେଟର ମୁଖ୍ୟ ରାସ୍ତା କଡରେ ଥିବା ସନ୍ତୋଷ ପ୍ଲଜା ଲଜ୍‌ରେ ସୁମନ ନିଜର ଦୁଇ ସାଥୀ ସୁଶାନ୍ତ ଘୋଷ ଓ ରାଜୁ ଚାଟାର୍ଜୀଙ୍କ ସହିତ ଗତ ୩ତାରିଖରୁ ରହୁଥିଲେ । ସୋମବାର ସକାଳୁ ଲଜ୍‌ର ଜନୈକ କର୍ମଚାରୀ ଛାତ ଉପରକୁ ଯାଇଥିବା ବେଳେ ସୁମନଙ୍କ ମୃତ ଦେହ ଏକ ପାଇପ୍‌ରେ ରସି ଲାଗିଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ । ସୁମନ ଦୁଇ ଆଣ୍ଠୁ ମାଡି ବସିଥିବା ବେଳେ ପିଲର ଉପରେ ହାତ ଦେଇ ବସିଥିବା ଦେଖିବାକୁ ମିଳିଛି ।

## ବିଜେପି ନୂତନ ଜିଲ୍ଲା ସଭାପତି ଙ୍କୁ ସମ୍ବର୍ଦ୍ଧନା



ତାଳଚେର ,(ପି.ଏନ): ଅନୁଗୁଳ ଜିଲ୍ଲା ବିଜେପି ସଭାପତି ଭାବେ ବରିଷ୍ଠ ବିଜେପି ନେତା ଯଯାତି ପଟ୍ଟନାୟକ ଙ୍କର ନାମ ରାଜ୍ୟ ନିର୍ବାଚନ ଅଧିକାରୀ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଘୋଷଣା କରିଛନ୍ତି ।ଯଯାତି ପଟ୍ଟନାୟକ ଙ୍କର ନାମ ଘୋଷଣା ହେବା ପରେ ବିଜେପି ପକ୍ଷରୁ ତଥା ବିଭିନ୍ନ ମହଲ ରୁ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ର ସୁଅ ଛୁଟିଛି ।ତାଙ୍କର ତାଳଚେର ସ୍ଥିତ ବାସଭବନ କୁ ଅନୁଗୁଳ ଜିଲ୍ଲାର ବିଭିନ୍ନ ସ୍ଥାନରୁ କାର୍ଯ୍ୟକର୍ତା ମାନେ ଆସି ଶୁଭେଚ୍ଛା ଜଣାଉଛନ୍ତି । ।ବିଜେପି ବ୍ରାହ୍ମଣୀ ମଣ୍ଡଳ ତରଫରୁ ମଣ୍ଡଳ ସଭାପତି ଅଜୟ ସାହୁ ଙ୍କ ନେତୃତ୍ୱରେ ମଣ୍ଡଳ ର ବରିଷ୍ଠ କାର୍ଯ୍ୟକର୍ତା ମାନେ ନୂତନ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ପଟ୍ଟନାୟକ ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।ବରିଷ୍ଠ ନେତା ସୁଶାନ୍ତ ପ୍ରଧାନ, ଖଇରା ପ୍ରଧାନ, ହେମନ୍ତ ଘଡେଇ, ବାନାମ୍ବର ମହାନ୍ତି, ଦୀପକ ଗଡ଼ନାୟକଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

## ଆଇଡିଆଲ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା,(ପି.ଏନ): ଆଇଡିଆଲ ପବ୍ଲିକ ସ୍କୁଲର ୩୪ତମ ବାର୍ଷିକ ଉତ୍ସବ ଟାଉନ ହଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ଅଭିଜିତ ବୋଷ ଯୋଗଦେଇ ଶିକ୍ଷାର୍ଥୀ ମାନଙ୍କ ଉ ମ ଚରିତ୍ର ଗଠନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ରୂପେ କେନ୍ଦ୍ରାପଡ଼ା ସ୍ୱଂୟଶାସିତ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ଦୁର୍ଯ୍ୟୋଧନ ପରିଡ଼ା ଯୋଗଦେଇ ଶିକ୍ଷାର୍ଥୀମାନେ କିପରି ଭବିଷ୍ୟତରେ ଭଲ ମଣିଷ ହେବେ ସେ ବିଷୟରେ ଆଲୋକପାତ କରିଥିଲେ। ଏଥିରେ ବିଦ୍ୟାଳୟର ସଭାପତି ସରୋଜରାଜ ସିଂହ, ସମ୍ପାଦକ ଅଧିକାରୀ ପ୍ରଭାତ କୁମାର ଦାସ ଓ ଅଧକ୍ଷ ବାବାଜୀ ଚରଣ



ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ। ଉତ୍ସବ ପରିଚାଳନାରେ ସହକାରୀ ଶିକ୍ଷକ ପ୍ରଫୁଲ୍ଲ କୁମାର ଜେନା, ଉପାଧକ୍ଷ ବଦ୍ରି ନାରାୟଣ ସିଂହ, ସହକାରୀ ଶିକ୍ଷକ ରଞ୍ଜନ କୁମାର ପତି, ଶୁଭେନ୍ଦୁ କୁମାର କର, ସ୍ମିତାରାଣୀ ଲେଙ୍କା, ହିମାଂଶୁ କୁମାର ଦାସ, ସୁଶାନ୍ତ କୁମାର ପତି, ରଚନା ନାୟକ, ସସ୍ମିତା ଖଟୁଆ, ସାହିସ୍ତା ପରୱିନ, ମିତା ମହାନ୍ତି, ନର୍ଗିସ ଫିରଦୋସ, ସହିଦା ବେଗମ ପ୍ରମୁଖ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ କିଶୋର କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ଶିକ୍ଷକ ପ୍ରଫୁଲ୍ଲ କୁମାର ଜେନାଙ୍କ ନିର୍ଦ୍ଦେଶନାରେ ନାଟକ ମ ସ୍ଥ ହୋଇଥିଲା।

## ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବମାନନା,ସମ୍ପାଦକ ମଣ୍ଡିରୁ ଧାନ ଚ଼ାଲାଣ ନକରି ବ୍ୟକ୍ତିଗତ ଜାଗାରୁ କରୁଥିବା ବେଳେ ସନ୍ଦେହରେ ଧାନ ଗାଡ଼ି ଜବତ

ଧାମନଗର,(ପି.ଏନ): ରାଜ୍ୟ ସରକାର କୃଷି ଓ କୃଷକର ବିକାଶ ପାଇଁ ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ପ୍ରୋତ୍ସାହନ ଯୋଗାଇ ଦେଇ ଆସୁଛନ୍ତି। ଏହି ବିକାଶକୁ ଆଖି ଆଗରେ ରଖି ମୋହନ ସରକାର ଚ଼ାଷୀଙ୍କ ଠାରୁ ଧାନ କ୍ରୟ ରେ ସହାୟକ ମୁଖ୍ୟ ୨୩ ଶହ ଏବଂ ଅତିରିକ୍ତ ସହାୟକ ମୂଲ୍ୟ ୮ ଶହ ମୋଟ ୩୧ ଶହ ଟଙ୍କା ଦେଉଛନ୍ତି। ଯାହାକି ଚ଼ାଷୀଙ୍କ ଆର୍ଥିକ ମେରୁଦଣ୍ଡ ସୁଦୃଢ ହେବ। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ର ଚୂଡାକୁଟି ସେବା ସମବାୟ ସମିତିରେ ଗତ ଜାନୁଆରୀ ୫ରେ ଜିଲ୍ଲା ସ୍ତରୀୟ ଧାନ ମଣ୍ଡି ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଧାମନଗର ବ୍ଲକର ୧୨ଟି ସମବାୟ ସମିତି ଓ ୩ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ସରକାରୀ ଭାବେ ଧାନ ମଣ୍ଡି ଖୋଲାଯାଇ ଚ଼ାଷୀଙ୍କ ଠାରୁ ଧାନ କ୍ରୟ କରାଯାଉଛି। ଧାନ କ୍ରୟରେ କଟଣୀ ଛଟନୀକୁ ନେଇ କେତକ ସମିତିରେ ମଧ ଚ଼ାଷୀ ଆନ୍‌ଦୋଳନ ହେଉଥିବା ବେଳେ ଜିଲ୍ଲାପାଳ ଦିଲ୍ଲୀପ ରାଉତ ରାଏ ଛଦ୍ମ ବେଶରେ ଧାନ ମଣ୍ଡି ବୁଲି କଟଣୀ ଛଟନୀରେ ପ୍ରତ୍ୟକ୍ଷ ପ୍ରମାଣ ପାଇବା ପରେ ବ୍ଲକର କଟସାହି ସମିତିର ସମ୍ପାଦକ କୁ ନିଲମ୍ବନ ମଧ କରିଥିଲେ। ସୂଚ଼ନା ମୁତାବକ ଆଗାମୀ ୧୯ ତାରିଖରୁ ସମ୍ଭାବ୍ୟ ବର୍ଷାକୁ ଲକ୍ଷ୍ୟରେ ରଖି ମଣ୍ଡିରେ କିଣା ହୋଇ ପଡ଼ିଥିବା ଧାନକୁ ସମ୍ପୃକ୍ତ ମିଲରଙ୍କୁ ଦେବା ଏବଂ ଯେଉଁ ଚ଼ାଷୀଙ୍କର ଟୋକେନ କଟିବାର ସମ୍ଭାବନାକ୍ଷ ଅଛି। ଟୋକେନ ଅବଧି ଶେଷ ତାରିଖ ପୂର୍ବରୁ ଅତିରିକ୍ତ ଅବଧି ପାଇଁ ନିଜ ମଣ୍ଡି ଲଗିନ୍ ରେ ପି ପାସ ମାଧ୍ୟମରେ ଡି.ଆର. ସି.ଏସ ଙ୍କୁ ଜଣାଇବେ ଏହା ସହ ଆଗାମୀ ୩ ରୁ ୪ ଦିନ ଧାନ କିଣା ନକରିବାକୁ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତ ରାଏ ଗତ ୧୫ ତାରିଖରେ ପ୍ରତ୍ୟେକ ଧାନମଣ୍ଡି ସମ୍ପାଦକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୂଚ଼ନା ମୁତାବକ ଚୂଡାକୁଟୀ ସମିତିର ସମ୍ପାଦକ ଅରୁଣ ଉଦୟ ପାତ୍ର ସରକାରୀ ନିୟମକୁ ସମ୍ପୂର୍ଣ୍ଣ ଭାବେ ଉଲଙ୍ଘନ କରି ଗତ ମଙ୍ଗଳବାର ଦିନ ମଣ୍ଡିରେ ଗଚ୍ଛିତ ଥିବା ଧାନ ମିଲରକୁ ହସ୍ତାନ୍ତର ନକରି ବେଆଇନ ଓ ମନମୁଖୀ ଭାବେ ଏକ ବ୍ୟକ୍ତିଗତ ଜାଗାରୁ ମିଲର ପଠେଇ ଥିବା ଟ୍ରକରେ ଧାନ କ୍ରୟ କରୁଥିଲେ। ବିଶେଷ ସୂତ୍ରରୁ ଭଦ୍ରକ ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀ ଖବର ପାଇ ଚୁଡାକୁଟି ଦଇପୂର ନାରାୟଣପୁର ରାସ୍ତା ପାର୍ଶ୍ୱରେ ଉକ୍ତ ଟ୍ରକରେ ଲୋଡ ହେଉଥିବା ଝୋଟ ଅଖା ବୋଝେଇ ଧାନ ଗାଡ଼ିକୁ ଦୀର୍ଘ ସମୟ ଧରି ତଦନ୍ତ କରିଥିଲେ। ଉକ୍ତ ତଦନ୍ତ ପରେ ବେଆଇନ ଭାବେ ସମ୍ପାଦକ ଶ୍ରୀ ପାତ୍ର ଧାନ ଗାଡ଼ିକୁ ଚ଼ାଲାଣ କରୁଥିବା ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଏ ସଂପର୍କରେ ଜିଲ୍ଲା ସହକାରୀ ଯୋଗାଣ ଅଧିକାରୀ ଶରତ ଚ଼ନ୍ଦ୍ର ବେହେରା କହିଛନ୍ତି ସରକାରୀ ନିୟମ ଅନୁସାରେ ଚ଼ାଷୀ ଧାନ ମଣ୍ଡିକୁ ଆଣି ବିକ୍ରି କରିବା ପରେ ମଣ୍ଡିରୁ ଧାନ ମିଲ କୁ ଯିବା କଥା କିନ୍ତୁ ସମ୍ପାଦକ ଶ୍ରୀ ପାତ୍ର ସିଧାସଳଖ ଚ଼ାଷୀଙ୍କ ପାଖରୁ ମିଲ ଗାଡ଼ି ପଠେଇ ଧାନ ଉଠେଇ ଥିଲେ ଯାହାକି ସଂପୂର୍ଣ୍ଣ ବେଆଇନ ବୋଲି ଅଧିକାରୀ ଶ୍ରୀ ବେହେରା କହିଛନ୍ତି। ଏପଟେ ସମ୍ପାଦକ ଶ୍ରୀ ପାତ୍ର ମଧ ମାନିଛନ୍ତି ଯେ ସମ୍ବଲପୁର ଜିଲ୍ଲା କଳିଙ୍ଗ ମିଲରୁ ଆସିଥିବା ୧୪ ଚ଼କିଆ ଟ୍ରକକୁ ଚ଼ାଷୀଙ୍କ ଠାରୁ ଆଣିବା ପାଇଁ ପଠେଇ ଥିଲି। ଏଥିରେ ପାଖାପାଖି ୬ ଶହ ଅଖା ବେଗ ଧାନ ବୋଝେଇ ଗାଡ଼ିକୁ ସମ୍ପାଦକ ଲିଖିତ ଭାବେ ନିଜ ଜିମା ତଥା ହେପାଜତରେ ରଖିବେ ସୂଚ଼ନା ମିଳିଛି। ଏହାର ସବିଶେଷ ରିପୋର୍ଟ ଜିଲ୍ଲାପାଳଙ୍କୁ ହସ୍ତଗତ କରାଯିବ ଏହି ଅନିୟମିତତାକୁ ନେଇ ଜିଲ୍ଲାପାଳ ଯାହା ନିଷ୍ପତି ନେବେ ବୋଲି ସୂଚ଼ନା ଦିଆଯାଇଛି।

## ପାରାଦୀପ ବନ୍ଦର ପକ୍ଷରୁ ୩୯ତମ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ

ପାରାଦୀପ,(ପ.ଏନ): ପାରାଦୀପ ବନ୍ଦର ପ୍ରାଧିକରଣ ଆର ଆଣ୍ଡ ବି ବିଭାଗ ପକ୍ଷରୁ ୩୯ ତମ ପୁଷ୍ପ ପ୍ରଦର୍ଶନୀ ପାରାଦୀପ ପୋର୍ଟ ଅଫିସର୍ସ କ୍ଲବ ପରିସରରେ ମଙ୍ଗଳବର ଦିନ ଆୟୋଜିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପୁଷ୍ପ ପ୍ରଦର୍ଶନୀ କୁ ଉଦଘାଟନ କରିଥିଲେ । ସେ କହିଥିଲେ ଯେ ସଏହି ପ୍ରଦର୍ଶନୀ ର ମୂଳ ଲକ୍ଷ୍ୟ ପାରାଦୀପ ସହର କୁ ସବୁଜ ଓ ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଏବଂ ଏହି କାର୍ଯ୍ୟ ପାରାଦୀପ ର ଅଠରବାଙ୍କୀ ଠାରୁ ୪ ନମ୍ବର ଗେଟ ପର୍ଯ୍ୟନ୍ତ ଦ୍ରୁତ ଗତିରେ ଆଗେଇଚ଼ାଲିଛି । ସେହିପରି ଓଏଫଡ଼ିସି ସହାୟତାରେ ପ୍ରତିବର୍ଷ ବନ୍ଦରାଞ୍ଚଳରେ ଏକ ଲକ୍ଷ ବୃକ୍ଷ ଚ଼ାରା ରୋପଣ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ବନ୍ଦରାଧକ୍ଷ ଶ୍ରୀ ହରନାଦ ସୂଚ଼ନା ଦେଇଥିଲେ । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ବନ୍ଦର ଉପାଧକ୍ଷ ନୀଳାଭ୍ର ଦଶଗୁପ୍ତା ଓ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ । ଏହି ପ୍ରଦର୍ଶନୀ ରେ



ବନ୍ଦର କର୍ମଚ଼ାରୀ, ବ୍ୟବହାରକାରୀ, ସ୍ଥାନୀୟ ମାଳି, ଫୁଲ ଚ଼ାଷୀ ଙ୍କ ସମେତ ୧୩୫ ଜଣ ପ୍ରତିଯୋଗୀ ଉତ୍ସାହ ର ସହିତ ଅଂଶଗ୍ରହଣ କରିଥିଲେ କ୍ଷ ବିଭିନ୍ନ ଷ୍ଟଲରେ ପ୍ରାୟ ୪୮ ପ୍ରକାରର ବିଭିନ୍ନ କିସମର ଫୁଲ, ବୃକ୍ଷ, ଆକର୍ଷଣୀୟ ବାଙ୍ଗରା ବୃକ୍ଷ, ପତ୍ର ସମୂହ ଲତା,ପରିବା ଇତ୍ୟାଦି ପ୍ରଦର୍ଶିତ ହୋଇଥିଲା । ଏହି ପ୍ରଦର୍ଶନୀ ଦେଖିବାକୁ ବନ୍ଦର ଅନ୍ତେବାସୀ ଓ ସ୍ଥାନୀୟ ଜନସାଧାରଣ ଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ସନ୍ଧ୍ୟାରେ ଅଫିସର୍ସ କ୍ଲବ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ଏବଂ ଉପାଧକ୍ଷ ଶ୍ରୀ ଦାସଗୁପ୍ତା ପୁଷ୍ପ ପ୍ରଦର୍ଶନୀ ବିଭିନ୍ନ ବର୍ଗରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray